"MAJOR" Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୮ ୦ ।୵ |
| ଅଧସ୍ତମ୍ଭକୁ | ୫ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୫ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଅଳ୍ପ ହେଲେ, ତହିଁର ଶର୍ତ୍ତ ୪୦ ୯ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ନୂଆନ ଥରର ଦେଢ଼ା ଓ ତୁଲଖଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ବଜାର ତଥାକଥିତ ଦିଗ୍ଦର୍ଶନ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter



## ସ୍ୱାସ୍ଥ୍ୟ ସମ୍ବାଦ ।

କଲିକତାର ଜଣେ ହିନ୍ଦୁ ଯୁବକ ତାହାର ପିତା ତାହାର ବର୍ତ୍ତମାନ ପରିବାରର ଅବ୍ୟବସ୍ଥାଙ୍କ ଯନ୍ତ୍ରଣା ସହ୍ୟ କରିପାରି ନ ହୋଇବାରୁ ଅହିନ ଖାଇ ପ୍ରାଣ ତ୍ୟାଗ କରିବାର ସମ୍ବାଦ ମିଳିଛି । ଯୁବକର ବୟସ ୨୨ ବର୍ଷ । ଏତେ କିଶୋରଙ୍କ ଏପରି ଶୋଚନୀୟ ଏବଂ ଗୃହକଳହଠାରେ ଅଭକ୍ତିର ଲକ୍ଷଣ ଘଟେ ।

କଲିକତାର ଜଣେ ଯୁବକକୁ ତାହାର ମାତା ଭାତ ଖାଇବାକୁ ଦେଇ ନିଯୁକ୍ତ କରିଥିଲେ । ଯୁବକ ଭାତଖାଇ ହାତଧୋଇ ପାରାଠାରୁ ଏକଗୁଡ଼ାଏ ହୁକା ନେଇ ଅପଣା ସ୍ତ୍ରୀ ତାହାରେ ଲହିତ ହଇବାରୁ ତାହାର ମାତା ତାକୁ ଗାଳିଦେଲେ । ଯୁବକ ଏଥିରେ କ୍ରୋଧ ହୋଇ ଅପଣା କୋଠରୀମଧ୍ୟକୁ ଯାଇ ଅହିନ ଖାଇ ପ୍ରାଣ ତ୍ୟାଗ କଲା । ଯୁବକର ବୟସ ୨୨ ବର୍ଷ । ଘଟଣାଟିରେ ଦୟାଯୋଗ୍ୟ ପରି ।

ପାବନାରପାଟ ଭୁଷିଆ ଘଟଣା ଗାଲିଅର୍ଥାତ ସମ୍ବାଦ ମିଳିଛି । ସେ ସ୍ଥାନର ରହୁଥିବାରେ ସେ ଘଟୁଥିବାରୁ ଗୁଡ଼ି- ଶୁଦ୍ଧ ଲୋକ କର୍ମଚାରୀମାନେ ତାଙ୍କ ଅନ୍ତର୍ଦ୍ଧାନ ବାହାରିଲେ ।

କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ମାନ୍ୟବର ମାକନଟ୍ଟାଇନ୍ ସାହେବ ଅବସର ନେବେ ଅନେକେ ଜାଣନ୍ତି । ତାହାଙ୍କ ପଦରେ ସ ଲରେନ୍ସ ଜେନକିନସ ସାହେବ ଏବଂ ପ୍ରଧାନ ବିଚାରପତି ହୋଇଅଛନ୍ତି । ସାହେବ ମହୋଦୟ ହାଇକୋର୍ଟର ଅନ୍ୟ ଜଣକ ଜଜଙ୍କଠାରୁ ଜ୍ୟେଷ୍ଠ ଏବଂ କୋଂ କମ୍ପାନୀ ଓ ଲକ୍ଷ୍ମୀଜମିଦାରଙ୍କ ମଧ୍ୟ ଅଛନ୍ତି ।

କମ୍ପାନିମାନଙ୍କ ଅନୁସନ୍ଧାନର ତଦନ୍ତରେ ଉତ୍ତୀର୍ଣ୍ଣ ହୋଇ ପାଞ୍ଚଶହ ଟଙ୍କା ପୁରସ୍କାର ପାଇଅଛନ୍ତି ।

ରୁଷ ସମ୍ରାଟ ପାଲିଅମେଣ୍ଟ ସଭା ତେଲିଦେଇ ଅଛନ୍ତି । ପାଲଟ୍ଟା ଉଠଲାଦ ଲୁଷର ଶାନ୍ତି ହୋଇ ଉଠିବ ପରି ।

ଶ୍ୟାମଦେଶର ରାଜା ଇଂଲଣ୍ଡ ଭ୍ରମଣରେ ଆସିବାରୁ ଏକ ଲେଲଣ୍ଡରୁ ଅଧିକା କାରଣ ସ୍ୱୟଂ ସମ୍ରାଟ ପ୍ରଧାନ ପୁରୋହିତ ଏକ ସେହିପରି ସହିତ ସାକ୍ଷାତ ନେଇ ଯାଇଥିଲେ ।

ବେହାର ମହାଜନମାନଙ୍କ କେବଳ ଗୋଟିଏ ପୁଣିମା ୫ ସରେ ଟଙ୍କା ହୋଇଥିଲା । ତୈଳ ବର୍ତ୍ତମାନ ବାଜାରଦରରେ ପରଚ ହେବାରୁ ସେ ସ୍ଥାନରେ ପୁରୁଷ ଶୋକ ଲାଗିଛି ହୋଇଅଛି ।—ହିସ୍ପୁଲଙ୍କ ଉଚ୍ଚ ରୂପରେ କଲ କାହାର ?

କଲିକତାରେ ଜଣେ ଭଦ୍ର ଲୋକର ସେବ ଅନ୍ତଃପୁର ସ୍ତ୍ରୀ ସଙ୍ଗେ କଳହ କରିବାରୁ ସ୍ତ୍ରୀ ଶବ୍ଦ ବାହାରିଲା । ଭଦ୍ର ଲୋକ ଅନୁଚିତ କହି କଲେ ଯୁବା ସ୍ତ୍ରୀ ସହିତ ପେଟ ଓ ଯିବାରୁ ଭଦ୍ର କହିଲେ ସ୍ତ୍ରୀ ବେହୁର ଅନେକ ସ୍ଥାନ ହାତ ଘଷାଇଲା ଏବ ସ୍ତ୍ରୀ ମଦ୍ୟପାନ ଅଭାବ ମନେକରି ପଳାଇଲା । ପଳାଏ ସ୍ୱଭାବ ବଡ଼ ଭଦ୍ରକୁ ଧରନ୍ତେ ଭଦ୍ର ଅପଣାର ସ୍ତ୍ରୀ ମଦ୍ୟପାନ କଲା ବୋଲି ଜାଣିଲା । ଯୁବକ ତାହାର ସ୍ତ୍ରୀ କାହିଁବାର ପ୍ରକାଶ କରନ୍ତେ ଭଦ୍ର କହିଲ ସ୍ତ୍ରୀଲୋକକୁ ମାଡ଼ ଦବାଇବା ବଡ଼ କଠିନ ।—ସ୍ତ୍ରୀଟିର ଜୀବନ ଅତି ଅଳ୍ପ ।

ସେହି ସୁବିଧାରୁ ତାହାଠାରେ ଉତ୍ତମାଙ୍ଗରେ କେଶ- ବେଷ୍ଟନୀ ତାହା ଜାଗ୍ରତଣସଞ୍ଚାରେ ପ୍ରତିପଳ ଏବ ବଧୂର ୪୮୦ ଣ ସେବକ ପ୍ରାଣ ନଷ୍ଟ ହୋଇଥିବାର ଜଣା ଯାଏ ।

ହୋମ୍ବାଇର ଖାସ୍ ଏବ ଆହାରିପଡ଼ିରେ ମହାଜନମାନଙ୍କ ଦୁଇ ଦଳେଷ ଅତ୍ୟନ୍ତ ହେଉଥିବାର ସମ୍ବାଦ ମିଳିଛି । ଅଣ୍ଟା ଭରେ ଚ ୫ ଶମାନୁଅଛନ୍ତି ଯେବେ ତାଡ଼ି ପଦାର ଅଛନ୍ତି । ଏଥିର ଦଳେଷ ଅନୁଷ୍ଠାନ ପ୍ରସ୍ତାବ ହେଉଅଛି ।

କଟକବାସୀ ଜଣେ ଲେଖକ ଗୋଟିଏ ପ୍ରକାର ପଦ୍ୟ ବେ ରଚିଅଛନ୍ତି ବଡ଼ କଥା ଏହାରେ ଦେଇଅଛ । ଉଠିଥି ଠିକ ସେହିପରି କଲା ମାତ୍ର ଶୁଣିଲେ ଶୁଣୁଛ କହ କଲା କହନ୍ତ ହୋଇ ତ ପାଠକମାନ କଣ୍ଠ ଗେଇନେବାରୁ ଏଥି ପଢ଼ି ବର୍ତ୍ତିବ ସକାଳେ ଜେଲଖାନାକୁ ପ୍ରେରିତ ହୋଇଅଛି ।—ଭର୍ତ୍ତିପତ୍ରର ସବୁଲୁଚ୍ଚି କେବେ କେବେ ?

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ- ମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଅମ୍ଭମାନଙ୍କର ସମ୍ରାଟପତିଙ୍କର ଜନ୍ମ- ଦିନେଣର ଦିନ ନିକଟ ହୋଇ ଆସୁଅଛି, ଏଣୁ ଭାରତବର୍ଷର ନାନା ସ୍ଥାନରେ ଉକ୍ତ ଦିବସ ସାଧାରଣ ମହୋତ୍ସବ ହେବାର ଆୟୋଜନ ଲାଗିଅଛି । କଟକ ନଗର ଯଦ୍ୟପି ଉତ୍କଳର ରାଜଧାନୀ ଅଟେ, କଟକବାସିମାନେ କି ସେମାନଙ୍କର ରାଜଭକ୍ତି ପ୍ରଦର୍ଶନାର୍ଥ- ଙ୍କର ଜନ୍ମଦିନକୁ ମହୋତ୍ସବରେ ଅଭିବାହିତ କରିବାକୁ ପଶ୍ଚାତ୍ପଦ ହେବେ ? ଅତଏବ ଆପଣଙ୍କର ଜଗଦ୍ବିଖ୍ୟାତ ପତ୍ରିକାଦ୍ୱାରା ଅମ୍ଭେ ଏହି ପ୍ରସ୍ତାବ କରୁଅଛୁଁ କି ଉକ୍ତ ଦିବସ ଅମ୍ଭେ କଟକବାସିମାନେ ମଧ୍ୟ ମହୋତ୍ସବରୁ ବିରତ ହେବୁ ନାହିଁ ଓ ସେଥି ପାଇଁ ଅମ୍ଭେ ଅନୁରୋଧ କରୁଅଛୁଁ କି ରେଭେନସା କଲେଜରେ ଗୋଟିଏ କମିଟି ହେଉ ଓ ସେ କମିଟିରେ ମାନନୀୟ ଶ୍ରୀଯୁକ୍ତ ଜେ, ଜି, ରୁପ୍ତ କମିଶନର ସାହେବ ସଭାପତି ହୁଅନ୍ତୁ । ଇତି ।

| | |
|---|---|
| କଟକ<br>୭।୫।୦୬ | ଆପଣଙ୍କର<br>ବଶମ୍ବଦ<br>A. C. |

## ବିଜ୍ଞାପନ ।

NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

## ବିଜ୍ଞାପନ ।




କେତେଗୁଡ଼ିଏ ରୋଗ ଦୂରୀଭୂତ କରିବାକୁ ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଡାକ୍ତର ନିରାଶ ହୋଇ ତୁମ୍ଭଙ୍କୁ ଛାଡ଼ି ଯାଇଥାଆନ୍ତି, ଯଦି ସାଲସା, କଡ଼- ଲିଭରଅଏଲ, ଫସ୍‌ଫୋଲିନ ଗେଲିନ ଚ୍ୟାବନତ ପ୍ରଭୃତି ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ଦହାଣ କରୁଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ ରୋଗବନ୍ଧୀକ ହୋଇ ସୁଖରେ ସର୍ବଜୀବନ ଯାପନ କରିବ । ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ କ୍ରିୟାପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶକୁ କେବେ ଆମଦାନୀ ହୋଇ ନାହିଁ ।

କିଏ ନ ଜାଣେ ସାଲସା, କଡ଼ଲିଭର ଅଏଲ, ପ୍ରଭୃତି ଔଷଧ ସମୂହରେ ସେଗ ଗନ୍ଧିରହେ !

ଆଶିଳ ଉପଶମ ଦେଖାଇ ପୁନରାୟ ସମୟରେ ବହୁ କଷ୍ଟରେ ପ୍ରବଳାକାର ଧାରଣ କରେ । କେତେକେତେ ତାହା ସାମୟିକ ଶାନ୍ତ୍ୟ କଷେଷ ହୋଇଯାଏ ଅଥଚ ସକଳ ସମୟରେ ଇହା ଧାତୁ ସ୍ୱଭାବ ବଣିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । କଷ୍ଟା ନିୟମର ଅଧୀନରେ ରହିବାକୁ ହୁଏ । କିନ୍ତୁ

ଷ୍ଟାରମାଟିନ ।

ତାହାର ସମ୍ପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ

Digitized by srujanika@gmail.com

ଅର୍ଥାତ୍ ଅରୋଗ୍ୟର କ୍ରିୟା ସ୍ଥାୟୀ, ଯେଉଁ ରୋଗ ଅରୋଗ୍ୟ ହୁଏ ତାହା ଅଉ କେବେହେଁ ଫେରି ଆସେ ନାହିଁ । ସୁତରାଂ ବାରମ୍ବାର ଔଷଧ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅତି ଶୀତ, ଗ୍ରୀଷ୍ମ, ବର୍ଷ ସକଳ ଋତୁରେ ସକଳ ଧାତୁ ପ୍ରକୃତି ବ୍ୟକ୍ତିଙ୍କ ଦେହରେ ସମାନ ଉପକାର, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଅଦ୍ୱିତୀୟ, ଉତ୍କର୍ଷ ଅଗ୍ରତା ଓ ଅମୋଘତା ସହାନୁଭୂତିଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତ୍ୟେକ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ବଞ୍ଚୟ ବାହୁଲ୍ୟ, ଏବଂ ଆକାଙ୍କ୍ଷିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଭୂରି ପ୍ରମାଣ ।

ସ୍ପାରମାଟିନ କଣ ?

ତେତେଲଙ୍ଗଣ ସୁବର୍ଣ୍ଣ ପ୍ରେସ ଡକ୍ଟରଙ୍କର ୩୦ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଖଣିଜ ପଦାର୍ଥର ବୈଶଲ୍ୟାଂଶର ସହିତରେ ସାମୁଦ୍ରିକ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ଜାନ୍ତବ ତୈଳାଂଶ ସହ ଯୋଗରେ ବୈଜ୍ଞାନିକ ପ୍ରକରଣରେ ଏହି ମହୌଷଧ ଅବିଷ୍କୃତ ।

ଅଥଚ ସେବନରେ ସ୍ୱାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେ ବରଂ ଗୁଣର ତୁଳନାରେ ଏତେ ସସ୍ତା ଔଷଧ ଏତେ ମୋହର ଅପେକ୍ଷା ମୂଲ୍ୟବାନ୍ ଅଟଇ ।

ସ୍ପାରମାଟିନର ଶକ୍ତି ସର୍ବପ୍ରକାର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ, ଓ ମୂତ୍ରପିଣ୍ଡ ବା ସ୍ନାୟୁ ସମ୍ବନ୍ଧୀୟ ପୀଡା —

୧ । ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ, ସ୍ୱପ୍ନଦୋଷ ଦାନ, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତଃସ୍ଖଳନ, ମେହ, ପ୍ରମେହ, ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୁହୁର୍ମୁହୁ ଅଳ୍ପ ବା ଅଧିକ ପ୍ରସ୍ରାବ, ଟୋପା ଟୋପା ମୂତ୍ର ପତନ, ପ୍ରସ୍ରାବର ଜ୍ୱାଳା, ମୂତ୍ରସହ ଶୁକ୍ରପତନ, ମୂତ୍ର ତଳରେ ମଳ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ର କ୍ଷୟ ଜନିତ ମସ୍ତିଷ୍କବ୍ୟଥା, ହାତ ଗୋଡ଼ ଓ ତଳି ଜ୍ୱାଳା, ସ୍ମରଣ ଶକ୍ତିର ହ୍ରାସତା, ଜ୍ୱରଭାବ, ହାତ ଗୋଡ଼ ଫୋଲା ଫୋଲା, ଦେହର ଅବସନ୍ନତା, ମସ୍ତକର ବାଳ ଝଡ଼ିଯିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଜୀର୍ଣ୍ଣ, କୋଷ୍ଠବଦ୍ଧତା ପ୍ରଭୃତି ଅନୁସଙ୍ଗିକ ଉପଦ୍ରବ ପ୍ରଭାବ ଶୁକ୍ରପୀଡା ଓ ତଜ୍ଜାତ ବସ୍ତିକର ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ ।

୨ । ଗାଢ ଓ ଗରମିର ବଂଶାନୁଗତା ବା ବଂଶାନୁ ଔଷଧାଦି ବ୍ୟବହାରରେ ଜନ୍ମା ମ୍ୟାଲେରିଆର ବିଷ ପ୍ରଭୃତି ଶରୀରରେ ପ୍ରବିଷ୍ଟ ହେବା କାରଣରୁ ରକ୍ତର ଦୂଷିତ ଗରମୀ ଘା, ଯାଉଳ ଘା, ନାକ ଓ ମୁଖରେ ଏବଂ ମୂତ୍ରେନ୍ଦ୍ରିୟରେ ଘା, ମୁଣ୍ଡର ବାଳଝଡ଼ିଯିବା ହାତ ଗୋଡ ଓ ଅସ୍ଥିରେ ବେଦନା, ନୂତନ ପୁରାତନ ମେହ ଘଟିତ ବାତ, ଗରମୀ ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ସନ୍ଧିସ୍ଥଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡିବା, ଦେହରେ ତମ୍ବା ଦାଗ, ହାତ ଓ ଗୋଡର ତଳାରେ ସ୍ଥାନେ ସାଦ ବା ଚଲାହେବା, ଚର୍ମ୍ମ ଚମଡା ଉଠିବା ପୁନଃ ବାଗି ପଡିବା, ଦେହରେ ବଥ ବା ବ୍ରଣ ବାହାରିବା ଶରୀର ଫିକାସା ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ଯାବତୀୟ ପୀଡ଼ା, ଉପସର୍ଗାଦି ଆରୋଗ୍ୟ ପକ୍ଷରେ ଅମୋଘ ।

୩ । ଯକ୍ଷ୍ମାକାଶ, ଦମାକାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତନିର୍ଗତ ପତନ, ମୁଖରୁ ଓ ନାସିକାରୁ ରକ୍ତସ୍ରାବ, ଛାତିରେ ବେଦନା, କଫ ଜମିବାର, ସ୍ୱରଭଙ୍ଗ, କେନ୍ଦ୍ରନାଳ ପ୍ରଦାହ, ଆହାରରେ ଅରୁଚି, ଓ ଅବସାଦ, ଗଳା ଜଳିବା, ଓ ହୃତ୍କମ୍ପ, ସର୍ଦ୍ଦି ଓ ସାମାନ୍ୟ ଶ୍ରମରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସଫୁସର କାର୍ଯ୍ୟ କରଣଶକ୍ତିର ଅଭାବ; ଇତ୍ୟାଦି ଫୁସଫୁସ ବା ଫୁସ୍ଫୁସ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡା ସମସ୍ତ ଜମକ୍ରେ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ ଦେଶୋତ୍ପତ୍ତି ତେଜସ୍କର ଭେଷଜ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ହିଁ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ସେହି ସକଳ ରୋଗରେ କିମ୍ବା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇଥାଅ ତେବେ ଏହି ମହୌଷଧ, ସେବନ କର ଜୀବନ ରକ୍ଷା କର, ସବଳେ, ସୁଲଭରେ, ସ୍ୱଚ୍ଛନ୍ଦରେ ସ୍ଥାୟୀ ଆରୋଗ୍ୟ ଲାଭ କର ଦୀର୍ଘଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବିଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ, କୋଷ୍ଠ ପରିଷ୍କାର ହେବ ।

ସ୍ପାରମାଟିନ—ଶରୀର ସଭିଁର ସଞ୍ଚିତ ଅଂଶ ଓ ଅଭାବ ଶୀଘ୍ର ପୂରଣ କରିବାକୁ ସ୍ୱାସ୍ଥ୍ୟାବଳି ଓ ତାହା ଅକ୍ଷୁନ୍ନ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ଆଲସ୍ୟ, କଡ଼ଲିଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଏ, ସେହି ସକଳ ପୀଡାରେ ସ୍ପାରମାଟିନ ଥରେ ମାତ୍ର ବ୍ୟବହାର କରିବାଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଅଛି । ସୁତରାଂ ଏହା ଯେ ପ୍ରଚଳିତ ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ, ସେଥିରେ ଅଣୁମାତ୍ର ସନ୍ଦେହ କରିବାର କାରଣ ନାହିଁ ।

ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧ ୧ ଏକ ଟଙ୍କା । ଡଜନ ଟ ୧୦ ୧ ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ଟ ୦।୵ ତିନି ଶିଶିରେ ଟ ୦ ।୵ ଓ ୬ ଶିଶିରେ ଟ ୧ ଓ ଡଜନ ଟ ୧॥

ସ୍ପାରମାଟିନ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା ।

| | |
|---|---|
| *Manager*<br>Spermatine Depot<br>No, 22 Barannsi<br>Ghose's street<br>Calcutta. | ମାନେଜର<br>ସ୍ପାରମାଟିନ ଡିପୋ<br>ନ ୨୨ ନଂ ବାରାଣସୀ<br>ଘୋଷ ଷ୍ଟ୍ରିଟ<br>କଲିକତା। |



WEST END WATCH Key winding
Lever watch full jewelled
Guaranteed for four years

No. 935 to 1000 Silver

| | | | |
|---|---|---|---|
| Hunting | ... | ... | Rs. 25 |
| Half hunting | ... | ... | Rs. 28 |

No. 800 to 1000 Silver
Cylender Lever

| | | |
|---|---|---|
| COURVOISER FRERES hunting | Rs 14 | 16 |
| Do. half hunting | Rs. 16 | 18 |

No. 900 to 1000 Silver
Extra Quality

| | | | |
|---|---|---|---|
| Hunting | ... | Rs. 16 | 19 |
| Half hunting | ... | Rs. 18 | 21 |

No. 800 to 1000 Silver
WHITE FIELD & Co. Lever watch
Guaranteed for three years.

| | | |
|---|---|---|
| Hunting | ... | Rs. 16 |
| Half hunting | ... | Rs. 18 |

18 Carat gold guard muff Chain Rs. 28 A. 0
Silver guard muff Chain Rs. 2 A.

S. ABDUL AZIZ
Gold and Silver wire netting supplier
Cuttack
Watch Importer
and
Spectacle Dealer,
CUTTACK

☞ ମୁଲପତ୍ର ଦେଖ ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. C 31.

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.

ଖ ୩୭ ଶ | ସ ୨୧ ସଂଖ୍ୟା

CUTTACK, SATURDAY THE 24th MAY 1902.
ତା ୧୧ ଜ୍ୟୈଷ୍ଠ। ସନ ୧୩୦୯ ସାଲ ଶନିବାର

ଅଗ୍ରୀମ ୪ ଟଂ | ପଶ୍ଚାଦେୟ ୪ ୬ ୯


## ବିଜ୍ଞାପନ।

### ନୂତନପଞ୍ଜିକା !

ଶକାବ୍ଦ ୧୮୨୪ ସନ ୧୩୦୯ ଓ ୧୩୧୦ ଇଂରାଜୀ ସନ ୧୯୦୨ ଓ ୧୯୦୩ ପୂର୍ଣ୍ଣାପର ବର୍ଷର ଜ୍ୟୋତିର୍ବିତ୍ମାନଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି।

ବଡ଼ ଟ ୦।

ଛୋଟ ଟ ୦ ୯ ୬

ମୋଫସଲ ଜନଙ୍କୁ ଡାକମାସୁଲ ଟ ୦/ ଯେଉଁମାନଙ୍କର ରେଲ ବା ଷ୍ଟିମରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ।

ଶ୍ରୀ ଗୌରିଶଙ୍କର ରାୟ
ସେକ୍ରେଟେରୀ

## P. W. D. BENGAL
### SOUTH WESTERN CIRCLE
IRRIGATION.

With reference to the notice published in Part II of the Calcutta Gazette of the 15th January 1902, it is hereby notified for general information that the Baliaghye main drain from 6th mile (below the bifurcation) to 11¾ mile which was closed to traffic for silt clearance from the 29th January 1902 will be reopened to traffic on and from 15th May 1902.

Balasore
Dated the 7th May 1902.

J. Zorab
*Executive Engineer*
Balasore Division

## WANTED

a graduate or a failed B. A, strong in English and Mathematics, and having some experience of school work for the post of the 3rd Master of the Khurda High School on a Salary of Rs 27 P. M. None need apply who will not agree to give a guarantee that he will stick to the post for 2 years.

Applications with testimonials must reach the undersigned on or before the 25th June next.

Khurda
The 1st May 1902

*Sd.* J. E. F. PERIERA
*Secretary*

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*

## ବିଜ୍ଞାପନ।

### ବନାରସୀ ମାଲ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଖରିଦର ନାନାସ୍ଥାନର ରଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ। ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ରାୟଗଡ଼, ସରାଇକଳା, ସୋନପୁର, ପାଟଣା, ବଉଦ, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଆଠଗଡ଼, ଗାଙ୍ଗପୁର, ଖଇରାକୋଟା, ଝଡ଼ିଙ୍ଗସୁଣ୍ଡର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଜୋଡ଼ି, ଚେଲା, ଚଂଶାପ, ବାଫ୍ତା, ସର୍ଟୀ, ଦୋପଟା ମଣ୍ଡଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଉତ୍କୃଷ୍ଟ ଗଠନ ଅଳଙ୍କାର ପିତଳ ଛଡ଼ା ସୁନା ରୂପାର ବାସନ, ଗ୍ରାହକ ଚାହିଦା ପ୍ରଭୃତ ବସ୍ତ୍ର ଅନୁସାରେ ତୟାର କରାଇ ଦେଉଁ। ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ! କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ।

ଡାକରେ ପତ୍ର ପଠାଇ ଯଥାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ। ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦୀ ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ।

ଭେଲୁପେବଲ ପାରସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ।

ଶ୍ରୀ ଯାଦୁମାଲ ଶ୍ୟାମନାଥ
ଭୁଟିଆ ଫାଟକ ବନାରସ ସିଟି


Digitized by srujanika@gmail.com

Split by PDF Splitter



# ଉତ୍କଳଦୀପିକା ।

## ଭ୍ରମସଂଶୋଧନ ।

ଅମ୍ଭେମାନେ ଗତ ସପ୍ତାହରେ ଏଫ୍ ଏ ଉତ୍ତୀର୍ଣ୍ଣ ଛାତ୍ରଙ୍କ ତାଲିକା ମଧ୍ୟରେ ଭିକାରିଚରଣ ପଟ୍ଟନାୟକଙ୍କୁ ରେଭେନ୍ସା କଲେଜର ଛାତ୍ର ସ୍ୱରୂପ ଭୁଲକ୍ରମେ ଲେଖିଥିଲୁଁ ମାତ୍ର ସେ ବାହାର ଛାତ୍ର ବିଶେଷ ସ୍ୱରୂପ ପରୀକ୍ଷା ଦେଇଥିଲେ । ସେ ଦାସ ନାମକ ଗୋଟିଏ ରେଭେନ୍ସା କଲେଜର ଛାତ୍ର ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ତାଙ୍କର ନାମ ଭୁଲକ୍ରମେ ତାଲିକାଭୁକ୍ତ ହୋଇ ନ ଥିଲା ।

ଗତଥରକୁ ମିଶାଇ ଭାରତର ଲୋକଗଣନା ୪ ଥର ହୋଇଥିଲା । କେଉଁ ସାଲର ଗଣନାରେ ଲୋକସଂଖ୍ୟା କେତେ ହୋଇଥିଲା ତାହା ଜନ୍ମେ ପ୍ରକଟିତ ହେଲା ଯଥା—

ସନ ୧୮୭୨ ସାଲରେ—୨୦,୬୧,୬୨,୩୬୦
ସନ ୧୮୮୧ ସାଲରେ—୨୫,୩୮,୮୮,୧୫୭
ସନ ୧୮୯୧ ସାଲରେ—୨୮,୭୩,୧୪,୬୭୧
ସନ ୧୯୦୧ ସାଲରେ—୨୯,୪୩,୬୦,୩୫୬

ଏଥିରୁ ଦେଖାଯାଏ ପ୍ରଥମ ଦଶକରେ ୭ କୋଟି ୨ ୟ ଦଶକରେ ପ୍ରାୟ ୩ କୋଟି ମାତ୍ର ଶେଷ ଦଶକରେ କେବଳ ୭୦ ଲକ୍ଷ ବୃଦ୍ଧି ହୋଇଅଛି । ଶେଷ ଦଶକର ଦୁର୍ଭିକ୍ଷ ମଡ଼କ ଇତ୍ୟାଦିର ଭୟଙ୍କର ପ୍ରକୋପରେ ଲୋକସଂଖ୍ୟା ଊଣା ହୋଇ ଯେ କେତେ କମିଅଛି ଏହାର ଲକ୍ଷଣ ।

ଫରକ୍କାବାଦର ସେସନଜଜ ଏକ ଲୋକର ହତ୍ୟାପରାଧର ଦରୁଣ ବର୍ତ୍ତମାନରେ ଜ ୧୪ ଣ ଅସାମିର ପ୍ରାଣଦଣ୍ଡ ବିଧାନ କରିବା ଏବଂ ଏଲାହାବାଦର ହାଇକୋର୍ଟରେ ସେହି ଦଣ୍ଡ ବାହାଲ ହେବାର ପାଠକମାନଙ୍କୁ ଜଣାଇଅଛୁଁ । ସମ୍ପ୍ରତି କଲିକତାର ‘ ହିତବାଦୀ ’ରେ ପାଠକଲୁଁ ଯେ ଉକ୍ତ ପତ୍ରିକାର ସମ୍ପାଦକ ସେହି ଦଣ୍ଡର ପ୍ରତିବାଦ କରି ଉତ୍ତର ପଶ୍ଚିମର ଲେଫ୍ଟେନାଣ୍ଟ ବାହାଦୂରଙ୍କ ଏଥିରେ ହସ୍ତକ୍ଷେପ କରିବା କାରଣ ଅନୁରୋଧ କରିବାରୁ ମାନ୍ୟବର ଲେଫ୍ଟେନାଣ୍ଟ ମହୋଦୟ ଜ ୭ ଜଣ ପ୍ରାଣଦଣ୍ଡ କ୍ଷମାକରି ଯାବଜ୍ଜୀବନ ଦ୍ୱୀପାନ୍ତର ବାସର ଆଦେଶ ଦେଇ ଅବଶିଷ୍ଟ ଜ ୭ ଜଣ ପ୍ରାଣଦଣ୍ଡ ଆଦେଶ ସ୍ଥିର କରିଅଛନ୍ତି । ସହଯୋଗିଙ୍କ ଅନୁରୋଧରେ ଜ ୭ ଜଣ ପ୍ରାଣଦଣ୍ଡରୁ ମୁକ୍ତି ପାଇଲେ ସୁଖର ବିଷୟ ଅଟେ ମାତ୍ର ସେ ପର୍ଯ୍ୟନ୍ତ ପାପିଦଣ୍ଡ ଏଡ଼ାଇବାରେ ସ୍ଥାନ ନାହିଁ ସେ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବ୍ୟାହତ ଦେବାର କାହିଁ ନାହିଁ ଏବଂ ତହିଁରେ ବିପରୀତ ଫଳ ଘଟିପାରେ ।

ସ୍ୱର୍ଗୀୟା ସମ୍ରାଜ୍ଞୀ ଭିକ୍ଟୋରିଆଙ୍କ ଜନ୍ମଦିନ ଉପଲକ୍ଷରେ ଅଦ୍ୟ ସରକାରୀ କଚେରୀମାନ ବନ୍ଦ ହୋଇଅଛି । ପୁଣି ଆସନ୍ତା ତା ୩୦ ରଖ ଶୁକ୍ରବାର ବର୍ତ୍ତମାନ ଭାରତ ସମ୍ରାଟ ଏଡ୍‌ୱାର୍ଡ ସପ୍ତମଙ୍କର ଜନ୍ମଦିନ ଉପଲକ୍ଷରେ କଚେରୀମାନ ବନ୍ଦ ହେବ ଏବଂ ତହିଁର ଘୋଷଣାପତ୍ର ଗତ କଲିକତା ଗେଜେଟରେ ବାହାରିଅଛି । ସମ୍ରାଟଙ୍କର ଜନ୍ମଦିନ ନବେମ୍ବରମାସ ତା ୯ ରଖ । ମାତ୍ର ସେ ସମୟରେ ଭାରତର ସରକାରୀ ଉଚ୍ଚକର୍ମଚାରୀମାନେ ପ୍ରାୟ ମଫସଲ ଭ୍ରମଣରେ ଥିବା ଏବଂ ତହିଁର କେତେ ମାସ ପରେ ଖ୍ରୀଷ୍ଟମାସର ଛୁଟି ପଡ଼ୁଥିବାରୁ ଜନ୍ମଦିନର ଦରବାର ବଲ ଓ ଅନ୍ୟାନ୍ୟ ଉତ୍ସବମାନ ସେ ସମୟରେ ଅନୁଷ୍ଠିତ ହେବା ସୁବିଧାଜନକ ନୁହେଁ । ଏହି ହେତୁରେ ମଇ ମାସ ତା ୩୦ ରଖ ଜନ୍ମଦିନ ପାଳନର ସମୟ ଧାର୍ଯ୍ୟ ହୋଇଅଛି । ମୃତ ସମ୍ରାଜ୍ଞୀଙ୍କର ଜନ୍ମଦିନ ଉପଲକ୍ଷରେ ଏଥି ଉତ୍ତାରୁ ଆଉ କଚେରୀ ବନ୍ଦ ହେବ ନାହିଁ । ସୁତରାଂ ଆସନ୍ତା ବର୍ଷଠାରୁ କେବଳ ମଇ ମାସ ତା ୩୦ ରଖରେ କଚେରୀ ବନ୍ଦ ହେବ ।

ଗତ ଫେବୃଆରୀ ମାସ ଶେଷ ସପ୍ତାହରେ ଯେଉଁ ଓକାଲତି ଏବଂ ମୁକ୍ତାରୀ ପରୀକ୍ଷା ଗୃହୀତ ହୋଇଥିଲା ତହିଁର ଫଳ ବାହାରିଅଛି । ଓକାଲତି ପରୀକ୍ଷା ଦେଇଥିଲେ ଜ ୬୯୮ ଜଣ ଅଥବା ତହିଁରୁ କିଛି ଅଧିକ, ମାତ୍ର ସେମାନଙ୍କ ମଧ୍ୟରୁ କେବଳ ଜ ୮୮ ଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ମୁକ୍ତାରୀ ପରୀକ୍ଷା ଦେଇଥିଲେ ଜ ୪୯୭ ଜଣରୁ ଊର୍ଦ୍ଧ୍ୱ ମାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି କେବଳ ଜ ୭୭ ଜଣ । ଉକ୍ତ ପରୀକ୍ଷାର ଫଳ ସମସ୍ତ ବଙ୍ଗ ବିହାର ଏବଂ ଓଡ଼ିଶାର ଅଟେ । ତହିଁ ମଧ୍ୟରେ ଓଡ଼ିଶାରୁ ଜ ୮ ଜଣ ଓକାଲତି ଏବଂ ଜ ୫ ଜଣ ମୁକ୍ତାରୀ ପରୀକ୍ଷା ଦେଇଥିଲେ । ଓକାଲତିରେ ଏତ କଟକରୁ ଦୁଇ ଉତ୍ତୀର୍ଣ୍ଣ ହୋଇଅଛନ୍ତି, ମୁକ୍ତାରରେ କେହି ପାସ କରି ନାହାନ୍ତି । ଗତବର୍ଷ ଜ ୭ ଜଣ ମଧ୍ୟରୁ ଜ ୩ ଜଣ ଓକାଲତି ପାସ କରିଥିଲେ ଏବଂ ଜ ୨ ଜଣ ମଧ୍ୟରୁ ଏକଜଣ ମୁକ୍ତାର ପାସ କରିଥିଲେ । କ୍ରମାଗତ ଏପରି ମନ୍ଦଫଳ ହେବା ବଡ଼ ଦୁଃଖର ବିଷୟ ଅଟେ ଏବଂ ଆମ୍ଭେମାନେ ଅନୁମାନ କରୁଁ କି ଉତ୍ତମରୂପେ ପ୍ରସ୍ତୁତ ନ ହୋଇ ପରୀକ୍ଷାରେ ଉପସ୍ଥିତ ହେବା ଏହାର କାରଣ ଅଟେ । କଠିନ ପରୀକ୍ଷା ନିମନ୍ତେ ଦୃଢ଼ରୂପେ ପ୍ରସ୍ତୁତ ନ ହେଲେ ସୁଫଳ ହେବ ନାହିଁ ।

ଯଶୋର ଜିଲାର ମେଜିଷ୍ଟ୍ରେଟ ସବଡିଭିଜନ ଅଫିସର ଶ୍ରୀ କାର୍ଣ୍ଣିଭ୍ୟାଲ ସାହେବଙ୍କ ଇଜଲାସରେ ଏକଜଣ ପୁଲିସ ଇନସ୍ପେକ୍ଟରଙ୍କ ନାମରେ ଦୁର୍ନାମ ରଟାଇବାର ଅଭିଯୋଗରେ ଏକ ମୋକଦ୍ଦମା ଉପସ୍ଥିତ ହେବାରୁ ଇନସ୍ପେକ୍ଟରଙ୍କ ନାମରେ ବିଷୟରେ ସମନ ଜାରି ହୋଇଥିଲା । ଏଥି ମଧ୍ୟରେ ସବଡିଭିଜନ ଅଫିସର ଜିଲା ମାଜିଷ୍ଟ୍ରେଟଙ୍କଠାରୁ ସେହି ମୋକଦ୍ଦମାର କାର୍ଯ୍ୟ ସ୍ଥଗିତ ରଖି ନଥି ପଠାଇ ଦେବାର ଆଦେଶ ପାଇଲେ । ସେହି ଆଦେଶପତ୍ରରେ ଲେଖାଥିଲା କି ମାଜିଷ୍ଟ୍ରେଟ ସାହେବଙ୍କର ସାଧାରଣ ଆଦେଶର ବହିର୍ଭୂତ ନ ହେବା ଯାଏ କରିବା ସବଡିଭିଜନ ହାକିମଙ୍କର ଉଚିତ ନୁହେଁ । ଜିଲା ମାଜିଷ୍ଟ୍ରେଟଙ୍କର ଏପ୍ରକାର ଆଦେଶ ଦେବା ଅନ୍ୟାୟ । ବିଶେଷତଃ ଯେ ସ୍ଥଳେ କୌଣସି ସନ୍ଦେହସୂଚକ ବା ସାଧାରଣ ଆଦେଶ ପ୍ରଚଳିତ କରିବା ବିଷୟରେ ହାଇକୋର୍ଟ ଜିଲା ମାଜିଷ୍ଟ୍ରେଟମାନଙ୍କୁ ସ୍ପଷ୍ଟରୂପେ ନିଷେଧ କରିଅଛନ୍ତି ସେ ସ୍ଥଳେ କୌଣସି ସାଧାରଣ ଆଦେଶ ପ୍ରଚଳିତ କରିବାର ତାହାଙ୍କର ଅଧିକାର ନାହିଁ । ଜିଲା ମାଜିଷ୍ଟ୍ରେଟମାନେ ସେମାନଙ୍କ ଅଧୀନସ୍ଥ ଅଦାଲତରୁ ଅନର୍ଥକ ମୋକଦ୍ଦମା ଉଠାଇ ନେବାର ଘଟଣା ଅଳ୍ପ ନୁହେଁ ମାତ୍ର ଅଧିକାଂଶ ସ୍ଥଳେ ସେ ସବୁ ଗବର୍ଣ୍ଣମେଣ୍ଟଙ୍କ ଗୋଚରରେ ଆସିବାର ସୁବିଧା ନ ଥିବାରୁ ଲୁଚି ରହିଯାଏ ଏବଂ ତହିଁର ପ୍ରତିକାର ହୋଇ ପାରେ ନାହିଁ । ଯେପର୍ଯ୍ୟନ୍ତ ଶାସନ ଓ ବିଚାର କାର୍ଯ୍ୟ ସମ୍ପୂର୍ଣ୍ଣରୂପେ ପୃଥକ୍ ନ ହେବ ସେପର୍ଯ୍ୟନ୍ତ ଜିଲା ମାଜିଷ୍ଟ୍ରେଟମାନେ ଏପ୍ରକାର ଅନ୍ୟାୟ କାର୍ଯ୍ୟରୁ ନିବୃତ୍ତ ହେବାର ଆଶା ନାହିଁ ।

ମାନ୍ଦ୍ରାଜ ପ୍ରଦେଶାନ୍ତର୍ଗତ ଯଶବୋର୍ଡ, ନୁଜିବାଦ, କାଡ଼ଗୁଣ୍ଡି ଏବଂ ପିଠାପୁର ଜମିଦାରୀ ସମ୍ବନ୍ଧରେ ବିଲାତର ପ୍ରିଭିକାଉନସିଲ ଅଲ୍ପଦିନ ହେଲା ଯେଉଁ ନିଷ୍ପତ୍ତିମାନ ପ୍ରକାଶ କରିଅଛନ୍ତି ତଦ୍ଦୃଷ୍ଟିରେ ଉକ୍ତ ପ୍ରଦେଶର କେତେକ ପ୍ରାଚୀନ ଜମିଦାରୀ ଓ ମାହାଲମାନ ବଣ୍ଟନର ଯୋଗ୍ୟ ନୁହେଁ ତାହା, ଅନେକଙ୍କ ପ୍ରକାଶ କରିବାର ଆଶଙ୍କା ହୋଇଅଛି ଏବଂ ତହିଁ ନିମନ୍ତେ ଏଣିକି ପାଣ୍ଡୁଲିପି ମାନ୍ଦ୍ରାଜର ବ୍ୟବସ୍ଥାପକ ସଭାରେ ଉପସ୍ଥିତ ହେବାର ଅଛି । ଆଗାମୀ ମାସ ତା ୨୬ ରଖରେ ଉତକାମଣ୍ଡଠାରେ ବ୍ୟବସ୍ଥାପକ ସଭାର ଯେଉଁ ଅଧିବେଶନ ହେବ ତହିଁରେ ସେହି ପାଣ୍ଡୁଲିପି ଆନୀତ ହେବ । ଏହି ଆଇନ ଅତ୍ୟନ୍ତ ପ୍ରୟୋଜନୀୟ ଅଟେ । କାରଣ ଇଂରେଜ ସରକାର ପୂର୍ବରୁ କେତେକ ଜମିଦାରୀ ଓ ମାହାଲ ବର୍ତ୍ତମାନ ରହିଅଛି । ଯାହା ବଣ୍ଟନ ହେବାର ଯୋଗ୍ୟ ନୁହେଁ ଏବଂ ଜ୍ୟେଷ୍ଠପୁତ୍ରର ଅଧିକାର ସୂଚକ ବୋଲି ପ୍ରଥା ହେଉଥିବାର ଜଣାଯାଉଅଛି । ସନ ୧୮୦୨ ସାଲରେ ଚିରସ୍ଥାୟୀ ବନ୍ଦୋବସ୍ତ ସମୟରେ ସେ ସମସ୍ତର ଶାସନ ଅଧିକାର ଦେଶୀୟ ରଜାଙ୍କୁ ସନନ୍ଦଦ୍ୱାରା ଦିଆଯାଇଥିଲା ଏବଂ ସେତେବେଳେ ମଧ୍ୟ ସ୍ଥିରୀକୃତ ହୋଇଥିଲା ଯେ ସେ ସମସ୍ତ ବଣ୍ଟନ ହେବାର ଯୋଗ୍ୟ ନୁହେଁ । ଦେବାନି ଅଦାଲତରେ ଏହି କଥାମାନ ପ୍ରତ୍ୟେକ ସ୍ଥଳେ ପ୍ରମାଣ କରିବା ବହୁ ବ୍ୟୟ ଏବଂ କଷ୍ଟସାଧ୍ୟ ହେବାରୁ ସେ ସବୁ ପ୍ରାଚୀନ ଜମିଦାରୀର ଅନେକ, ଏବଂ ଏଣୁ ବଡ଼ ଅଧିକ କିଛି ଫଳ ନାହିଁ । ଏପରି ୧୩ ଗୋଟି ଜମିଦାରୀ ସମସ୍ତ ମାନ୍ଦ୍ରାଜ ପ୍ରଦେଶରେ ଥିବାର ତାଲିକା ହୋଇଅଛି । ସେ ସମସ୍ତର ଭଙ୍ଗା ନିମନ୍ତେ ଉକ୍ତ ଆଇନ ଜାରି କରିବାର

Digitized by srujanika@gmail.com

Split by PDF Splitter



ଆବଶ୍ୟକ ହୋଇଅଛୁ । ତହିଁ ସଙ୍ଗେ ଆଉ ଖଣ୍ଡିଏ ଆଇନ ଜାରୀ ହେବ ଯେ ଉପର ଲିଖିତ ଆଇନ ଜାରୀ ହେବା ପୂର୍ବେ ଜେହୁ ଯେମନ୍ତ ତାହାଙ୍କୁ ବଗଲ କରିବା ଅଭିପ୍ରାୟରେ ସେ ସବୁ ଜମିଦାରର ଲୁଗ ଥାଇବା ସତ୍ତ୍ୱେ କୌଣସି ନାଲିସ ଦାୟର ହୋଇ ପାରିବ ନାହିଁ ।

---

### ଭୀଷଣ ଅଗ୍ନି ଉତ୍ପାତ ।

ଗତ ସପ୍ତାହରେ ମାଇଣ୍ଟିନିକ ଦ୍ୱୀପର ଅଗ୍ନି ଉତ୍ପାତର ସଂକ୍ଷେପ ସମ୍ବାଦ ପ୍ରକାଶ କରଥିଲୁ । ଏଥିମଧ୍ୟରେ ସେହି ଦୁର୍ଘଟଣାର ବିସ୍ତାରିତ ବିବରଣ ଆସିଅଛି ଏବଂ ତାହା ନିତାନ୍ତ ହୃଦୟ ବିଦାରକ ଅଟେ । ଆମେରିକାର ଅନ୍ତର୍ଗତ ଓଏଷ୍ଟ ଇଣ୍ଡିଆ ଦ୍ୱୀପ ପୁଞ୍ଜ ମଧ୍ୟରେ ମାଇଣ୍ଟିନିକ ଗୋଟିଏ କ୍ଷୁଦ୍ର ଦ୍ୱୀପ । ଏହି ଦ୍ୱୀପ ଫରାସୀ ରାଜ୍ୟର ଅନ୍ତ । ଏହାର ଦୈର୍ଘ୍ୟ ମା ୪୩ ଥିଲ ଏବଂ ପ୍ରସ୍ଥ ମା ୧୯ ଥିଲ । ଲୋକ ସଂଖ୍ୟା ଦୁଇଲକ୍ଷରୁ ଅଧିକ ନୁହେ । ଏ ଦ୍ୱୀପର ଉତ୍ତର ପଶ୍ଚିମ ଦିଗରେ ମଣ୍ଟପେଲି ନାମକ ପର୍ବତ ଶୃଙ୍ଗ ଅଛି ତହିଁର ଉଚ୍ଚତା ୪୩୦୦ ଫିଟ । ଏ ଦ୍ୱୀପ ଅତ୍ୟନ୍ତ ଉର୍ବରା, କଫି, ଆଖୁ, ତାମ୍ବି ଓ କୋକୋ ଏଠାରେ ପ୍ରଚୁର ପରିମାଣରେ ଉତ୍ପନ୍ନ ହୁଅନ୍ତି । ପୂର୍ବେ ଭାରତରୁ ଅନେକ କୁଲି ସେଠାକୁ କୃଷି କରିବା କାରଣ ପ୍ରେରିତ ହେଉଥିଲେ ଗତ ପାଞ୍ଚବର୍ଷରୁ ତାହା ରହିତ ହେଲେ କେତେ ଭାରତୀୟ ଲୋକ ସେଠାରେ ଘର ବାନ୍ଧି ରହିଯାଇଅଛନ୍ତି । ଏହି ଦ୍ୱୀପର ପ୍ରଧାନ ବନ୍ଦରର ନାମ ସେଣ୍ଟପେର ଏବଂ ଉପରଲିଖିତ ମଣ୍ଟପେଲି ଅଗ୍ନେୟଗିରିର ତହିଁର ଉତ୍ତର ମା ୭ ଦୂରରେ ଅବସ୍ଥିତ । ପର୍ବତ ପୃଷ୍ଠ ବହୁ ବୃକ୍ଷରେ ଆଚ୍ଛାଦିତ । ଏହି ପର୍ବତରୁ ପୂର୍ବେ କେବେ ଅଗ୍ନି ଉଦ୍ଗାର ହେବାର ଦେଖା ନ ଥିଲା । ଗତ ତା ୫ ରିଖ ସୋମବାର ହଠାତ୍ ଏହି ପର୍ବତଭିତରୁ ମହା ଗର୍ଜନ ଶୁଣାଗଲା ଏବଂ ଘନ ଧୂଅ ସହିତ ପର୍ବତର ଶୃଙ୍ଗ ଉଡିଯାଇ ପର୍ବତର ଗର୍ଭରୁ ଏକ ପ୍ରକାଣ୍ଡ ସ୍ତମ୍ଭଙ୍କପର ମୂର୍ତ୍ତି ଦିଶିଗଲା । ସେହିବାଟେ ଗଳିତ ଧାତୁ ଓ ପ୍ରସ୍ତର ପିଣ୍ଡମାନ ଅଗ୍ନି ଏବଂ ଭସ୍ମରାଶି ଘୋର ଗର୍ଜନ ସହିତ ବାହେର ଉପରକୁ ଉଠି ଆସୁଥିଲା ଏମନ୍ତ ଛିଟର ପଡ଼ିଲା ଯେମନ୍ତ ତ ମା ୧୦।୧୨ ଦୂର ଅନ୍ତରରେ ଭଡ଼ଭଡ଼ ସହିତ ଅଗ୍ନି ବୃଷ୍ଟି ହେଲା ଏବଂ ତହିଁସଙ୍ଗେ ପଥରଖଣ୍ଡମାନ ବରଷା ବୃଷ୍ଟି ପରି ଜଣା ଗଲା । ମି ୧୦।୧୫ ମିନିଟ ମଧ୍ୟରେ ସମସ୍ତ ନଗର ପୋଡ଼ି ଛାରଖାର ହେଲା । ଅଧିବାସୀମାନେ ପଳାଇବାକୁ ବାଟ ପାଇଲେ ନାହିଁ । ଏହା ପେର ବନ୍ଦରର ୩୦ ହଜାର ଲୋକ ପୋଡିମଲେ । କେବଳ ୨୦ ଜଣ ଦଗ୍ଧପୋଡା ହୋଇ ସମୁଦ୍ରକୂଳ ପର୍ଯ୍ୟନ୍ତ ପଳାଇ ଆସିପାରିଥିଲେ । କୂଳରେ ଥିବା ୬ଟା ଜାହାଜ ସମସ୍ତ ଲୋକ ସହିତ ପୋଡିଗଲା ଗୋଟାଏ ଜାହାଜ ସାମାନ୍ୟରୂପେ ପୋଡିଯାଇ ପଳାଇଆସିବାକୁ ସମର୍ଥ ହୋଇଥିଲା । ମାଇଣ୍ଟିନିକର ଶତାଧିକ ମାଇଲ ଅନ୍ତରରେ ଇଂରେଜ ଅଧିକୃତ ସେଣ୍ଟଭିନସେଣ୍ଟଦ୍ୱୀପ । ସେଠାର ଏକ ଆଗ୍ନେୟ ଗିରିରୁ ଅଗ୍ନି ଉତ୍ପାତ ହୋଇ ସହସ୍ରାଧିକ ଲୋକ ନଷ୍ଟ ହୋଇଥିଲେ ଏବଂ ଆକାଶ ମଣ୍ଡଳ ଭସ୍ମ ରାଶିରେ ଏକଶତ ମାଇଲ ବାରବାଡୋଜଦ୍ୱୀପ ପର୍ଯ୍ୟନ୍ତ ଆଚ୍ଛାଦିତ ହୋଇଥିଲା । କଥିତ ହୁଅଇ ସର୍ବସୁଦ୍ଧା ପ୍ରାୟ ୪୦ ହଜାର ଲୋକ ନଷ୍ଟ ହୋଇଅଛନ୍ତି । ଏକ ୬ ସ୍ଥାନ ସମ୍ପୂର୍ଣ୍ଣରୂପେ ଧ୍ୱଂସ ହୋଇଗଲାଣି ଏବଂ ଯେଉଁମାନେ ପ୍ରାଣରେ ବଞ୍ଚିଅଛନ୍ତି ସେମାନେ ସର୍ବସ୍ୱାନ୍ତ ହୋଇଅଛନ୍ତି ଏବଂ ପ୍ରାୟ କାହାର ଶରୀର ଅକ୍ଷତ ନାହିଁ । ସେମାନଙ୍କ ସାହାଯ୍ୟ ନିମନ୍ତେ ଆମେରିକା ୩ ଲକ୍ଷ ଟଙ୍କା ପଠାଇଅଛନ୍ତି ଏବଂ ଇଉରୋପର ନାନାରାଜ୍ୟରୁ ସାହାଯ୍ୟ ପ୍ରେରିତ ହେଉଅଛି ।

---

### ମୁସଲମାନ ଛାତ୍ରାବାସ ।

ମୁସଲମାନ ଛାତ୍ରମାନଙ୍କର ଏଠା ରେଭେନସା କଲେଜରେ ପଢିବାର ସୁବିଧା ନିମନ୍ତେ ଗୋଟିଏ ଛାତ୍ରାବାସ ଏ ନଗରରେ ନିର୍ମାଣ କରିବାର ଉଦ୍ୟମ ଲାଗିଅଛି ଏବଂ ସେ ସମ୍ବନ୍ଧରେ ଖଣ୍ଡିଏ ସାହାଯ୍ୟ ପ୍ରାର୍ଥନା ପତ୍ର ଆମ୍ଭେମାନେ କେତେଦିନ ହେଲା ପାଇଅଛୁଁ । ଅବକାଶର ଅଭାବରୁ ଯଥା ସମୟରେ ପାଠକମାନଙ୍କୁ ଜଣାଇ ପାରି ନ ଥିଲୁଁ କ୍ଷମା କରିବେ । ପ୍ରାର୍ଥନା ପତ୍ରର ମର୍ମ ଏହି ଯେ ଉକ୍ତ ଛାତ୍ରାବାସ ରେଭେନସା କଲେଜର ସନ୍ନିକଟରେ ନିର୍ମିତ ହେବ ଏବଂ ତହିଁରେ ଏକା କଟକ ଜିଲ୍ଲାର ନାହିଁ କି ପୁରୀ ବାଲେଶ୍ୱର ଓ ଭଦ୍ରକର ମୋଫସଲବାସୀ ଛାତ୍ରମାନେ ନିରାପଦରେ ରହି ଶିକ୍ଷାଲାଭ କରି ପାରିବେ । ଛାତ୍ରାବାସ ସକାଶେ ଯେଉଁ ଘର ନିର୍ମାଣ ହେବାର କଳ୍ପନା ମାତ୍ର ପ୍ରସ୍ତାବ ହୋଇଅଛି ତହିଁରେ ୩୦ ଜଣ ଛାତ୍ର ରହି ପାରିବେ ଏବଂ ନିର୍ମାଣର ବ୍ୟୟ ପ୍ରାୟ ଟ ୪୦୦୦୯ ଙ୍କା ହେବ । ସାଧାରଣ ଚାନ୍ଦାଦ୍ୱାରା ଯେତେ ଟଙ୍କା ସଂଗୃହୀତ ହେବ ତେତିକ ଟଙ୍କା ଦୟାବାନ୍ ଗଭର୍ଣ୍ଣମେଣ୍ଟଙ୍କଠାରୁ ମିଳିବାର ଆଶା ଅଛି । ସୁତରାଂ ଅନ୍ତତଃ ଦୁଇ ହଜାର ଟଙ୍କା ଚାନ୍ଦାଦ୍ୱାରା ଆସୁ ନ ହେଲେ ଏହି ଶୁଭ କାର୍ଯ୍ୟଟି ସମ୍ପନ୍ନ ହୋଇ ପାରିବ ନାହିଁ । ବସ୍ତୁତଃ ଅନ୍ୟାନ୍ୟ ଉପକରଣ ସକାଶେ ତହିଁ ଉପରେ ବହୁ ଅଧିକ ଟଙ୍କା ସଂଗ୍ରହ କରିବା ନିତାନ୍ତ ଆବଶ୍ୟକ । ଚାନ୍ଦାଦ୍ୱାରା ଯେ ଟଙ୍କା ଆସୁ ହେବ ତାହା ଗୋଟିଏ ପାଣ୍ଠିରେ ଜମା ରହିବ । ସେହି ପାଣ୍ଠିର ନାମ ' ମହମ୍ମଦୀୟ ହୋଷ୍ଟେଲ ଫଣ୍ଡ ' ବା ମୁସଲମାନ ଛାତ୍ରାବାସ ପାଣ୍ଠି ଦିଆ ଯାଇଅଛି ଏବଂ ତହିଁର ଆୟ ବ୍ୟୟ ଓ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ବୁଝିବା ଓ କରିବା କାରଣ କଟକ ମହମ୍ମଦୀୟ ହୋଷ୍ଟେଲ ଫଣ୍ଡ କମିଟି ନାମରେ ଗୋଟିଏ କମିଟି ଗଠିତ ହୋଇଅଛି । ଏହି କମିଟିର ଉକ୍ତ ଶ୍ରୀଯୁକ୍ତ ଗୁପ୍ତ ସାହେବ ଓଡ଼ିଶାର କମିଶନର୍ ସଭାପତି —ମାନ୍ୟବର ଶ୍ରୀଯୁକ୍ତ ଏମ୍, ଏସ୍, ଦାସ, ସହକାରୀ ସଭାପତି— ଜାଗିରଦାର ମୁନସି ଗୋଲାମ ମହମ୍ମଦ, ସଭ୍ୟଗଣ—ଇସପ ଅହମଦ ଗୁଲ ପ୍ରଭୃତି ୮ ଜଣ, ସେକ୍ରେଟେରୀ ଓ ଏକାଉଣ୍ଟାଣ୍ଟ—ସୟଦ ମହମ୍ମଦ ନୁରଲହକ, ସହକାରୀ ସେକ୍ରେଟେରୀ ଓ ଅଡିଟର—ଡାକ୍ତର ସୟଦ ଏକରାମ ରସୁଲ୍ ଓ ମହାଜନ ମହମ୍ମଦ ହାଜି ଅବଦୁଲ କରିମ, ଖଜାଞ୍ଚି —ହାଜି ଇସପ ମହମ୍ମଦ ସୁଲେମାନ ମହାଜନ ।

ଏହି ଶୁଭ କାର୍ଯ୍ୟରେ ସାହାଯ୍ୟ ଦେବା କାରଣ ମୁସଲମାନ ସମ୍ପ୍ରଦାୟ ଏବଂ ମୁସଲମାନଙ୍କର ହିତାକାଂକ୍ଷୀ ଅନ୍ୟ ସକଳ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କୁ ବିନୀତଭାବରେ ପ୍ରାର୍ଥନା ହୋଇଅଛି । ଯେଉଁ ମହାଶୟମାନେ ଯାହା ଦାନ କରିବେ ତାହା ଅନୁଗ୍ରହପୂର୍ବକ କମିଟିର ଏକାଉଣ୍ଟାଣ୍ଟ ଏବଂ ଖଜାଞ୍ଚିଙ୍କର ଯୁଗ୍ମ ନାମରେ ପଠାଇ ଦେବା ହେବେ ଓ ଉକ୍ତ କର୍ମଚାରୀମାନେ ତହିଁର ରସିଦ ପଠାଇବେ ।

ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ଏହି ଶୁଭ ଅନୁଷ୍ଠାନର ସଫଳତା ସାଧନ ନିମିତ୍ତରେ ଯେ ଯାହାର ଶକ୍ତି ଅନୁସାରେ କିଛି ସାହାଯ୍ୟ ଦାନ କରିବାକୁ ଅଗ୍ରସର ହୋଇ ଉଦ୍ୟମକାରୀଙ୍କର ଆଶାପୂର୍ଣ୍ଣ ଏବଂ ଗରିବ ଛାତ୍ରଙ୍କୁ ବିଦ୍ୟା ଦାନ କରିବେ । ଓଡ଼ିଶାରେ ହିନ୍ଦୁଠାରୁ ମୁସଲମାନର ସଂଖ୍ୟା ଅନେକ ଊଣା ହେଲେହେଁ ସୁଖର ବିଷୟ ଯେ ଉଭୟ ଜାତି ମଧ୍ୟରେ ସାଧାରଣ ଆମୋଦ ଓ ହିତକାର୍ଯ୍ୟରେ ଯୋଗଦାନ ହେବାର କେତେ ଭେଦାଭେଦ ନାହିଁ ଏବଂ ଭେଦାଭେଦ ରହିବା ଉଚିତ ନୁହେ । ବିଶେଷତଃ ଦୁର୍ବଳ ଭ୍ରାତାକୁ ବଳବାନ୍ ଭ୍ରାତାର ସାହାଯ୍ୟ କରିବା ନ୍ୟାୟ ଓ ଧର୍ମାନୁମୋଦିତ କାର୍ଯ୍ୟ ଅଟେ । ଏ ପର୍ଯ୍ୟନ୍ତ ପ୍ରାୟ ଟ ୧୬୦୦୯ ଙ୍କା ଚାନ୍ଦା ସ୍ୱାକ୍ଷରିତ ହୋଇଅଛି ଏବଂ ଚାନ୍ଦାଦାତାଙ୍କ ମଧ୍ୟରେ ମୁସଲମାନ ଛଡ଼ା ଅନ୍ୟାନ୍ୟ ଧର୍ମାବଲମ୍ବୀ କେତେ ଭଦ୍ରଲୋକ ଉପଯୁକ୍ତ ସାହାଯ୍ୟ କରିବାର ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଭରସା କରୁଁ ଅନ୍ୟ ଭଦ୍ରଲୋକମାନେ ସେମାନଙ୍କ ଉଦାହରଣର ପଶ୍ଚାଦ୍ଗାମୀ ହେବେ ।

Digitized by srujanika@gmail.com

ସେହିତ ଜଣ ବର୍ତ୍ତି ଦେଦାଦାତାଙ୍କର ନାମ ନିମ୍ନେ ଲେଖାଗଲା ଯଥା—

ମୌଲବୀ ସୟଦ ମହମ୍ମଦ ଜଲିଲ ହକ ୍ ୨୫୦୯, ମୁନସି ଗୋଲାମ ମହମ୍ମଦ ୍ ୨୫୦୯, ମୌଲବୀ ଅବଦୁଲ ସଲାମ, ମୌଲବୀ ଛଜନ୍ଦଲଅଲି ନୂରଲ ହସା ଓ ହାଜି ଇସଫ ମହମ୍ମଦ ପ୍ରତ୍ୟେ- ମାନ୍ ଟ ୧୦୦ ଟଙ୍କା ଲେଖାଏଁ, ମାଧବର ଶ୍ରୀ ଏମ୍, ଏଲ୍ ଦାସ, ମୁନସି ମହମ୍ମଦ ମଜହରୁ ହାଜି ସାରୁ ଷିବକ୍ ଓ ହିସଗମ ଇବ୍ରାହିମ ହଣ୍ଡାମି ପ୍ରତ୍ୟେକେ ଟ ୫୦ ଟଙ୍କା ଶ୍ରୀଯୁକ୍ତ ଗୁପ୍ତ ସାହେବ କମିଶନର, ମୌଲବୀ ରଫିଉଦ୍ଦୀନ, ହିନ୍ଦୁ ହାଜି ହୋସେନ, ମହମ୍ମଦ ଅଲିୟୁ, ହାଜିପର ମହମ୍ମଦ ଓ ହାଜିଖାନ୍ ମୁସା ପ୍ରତ୍ୟେକେ ଟ ୨୫ ଟଙ୍କା ଲେଖାଏଁ ।

---

ଏଠା ମିଉନିସିପାଲିଟିର କାର୍ଯ୍ୟ କଳାପ ।

ପାଠକମାନଙ୍କୁ ଜଣାଅଛି ଯେ ଏଠା ମିଉନିସିପାଲିଟିର କେତେକ କାର୍ଯ୍ୟରେ କରଦାତାମାନେ ଭୀତ ଓ ଦୁଃଖିତ ହୋଇ ଗତ ଫେବୃୟାରି ମାସ ତା ୧୪ ରୁଖରେ ଗୋଟିଏ ବଡ଼ ସଭା କରିଥିଲେ । ସେ ସଭାରେ ଏ ନଗରରେ ଗୋଟିଏ କରଦାତା ସମିତି ଗଠିତ ହେବା, ଗୃହ ନିର୍ମାଣ ବିଷୟକ ପ୍ରସ୍ତାବିତ ନିୟମାବଳୀ ଏ ନଗରବାସିଙ୍କୁ ଜଣାଇଦେବା ଏବଂ ଟିକସ ବନ୍ଦୋବସ୍ତ ସକାଶେ ଜଣେ ଖାସ୍‌ଆସେସର ନିଯୁକ୍ତ କରିବା ଅନାବଶ୍ୟକ ଓ ଅନୁଚିତ ଥିବା ଇତ୍ୟାଦି ପ୍ରସ୍ତାବ ମାନ ଧାର୍ଯ୍ୟ ହୋଇଥିଲା । ସେହି ସଭାର କାର୍ଯ୍ୟାବଳୀର ଏକଖଣ୍ଡ ପ୍ରତିଲିପି ସଭାପତିଙ୍କ ପତ୍ରଦ୍ୱାରା ମିଉନିସିପାଲିଟିର ଚେଅରମାନଙ୍କ ନିକଟକୁ ପଠାଯାଇଥିଲା । ଚେଅରମାନ ମହୋଦୟ ଗତ ଅପ୍ରେଲମାସ ତା ୨୫ ରୁଖ ଲିଖିତ ପତ୍ରରେ ତହିଁର ଉତ୍ତର ଦେଇଅଛନ୍ତି ଏବଂ ତହିଁର ପ୍ରାରମ୍ଭରେ ଲେଖିଅଛନ୍ତି ଯେ କରଦାତାଙ୍କର ଗୋଟିଏ ସମିତି ହେବାରେ ସେ ଆନନ୍ଦିତ ହୋଇଅଛନ୍ତି କାରଣ ତହିଁରୁ ପ୍ରକାଶ ପାଉଅଛି ଯେ ମିଉନିସିପାଲ କାର୍ଯ୍ୟ ପ୍ରତି ସେମାନଙ୍କର ମନୋଯୋଗ ଆକୃଷ୍ଟ ହୋଇଅଛି ଏବଂ ଯେବେ କରଦାତା ସମିତି ଓ ମିଉନିସିପାଲ ସମିତି ଏକ ଯୋଗରେ କାର୍ଯ୍ୟ କରିବେ ତେବେ ନଗରର ଅନେକ ଉନ୍ନତି ହେବ ଏବଂ କୌଣସି ସ୍ୱାର୍ଥର ହାନି ରହିବ ନାହିଁ । ଏଥିରୁ ସ୍ପଷ୍ଟ ଦେଖାଯାଉଅଛି ଯେ ଚେଅରମାନ ମହୋଦୟ କରଦାତା ସମିତିର ସୃଷ୍ଟିରେ କୌଣସି ଭ୍ରମ ନ ବୁଝି ତାହାକୁ ବନ୍ଧୁଭାବରେ ଗ୍ରହଣ କରିଅଛନ୍ତି ଏବଂ ତହିଁ ସକାଶେ ଅମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ । ପ୍ରକୃତରେ କରଦାତା ସମିତି ଓ ମିଉନିସିପାଲ ସମିତି ମଧ୍ୟରେ ଯେତେ ଯୋଗ ଓ ସଦ୍ଭାବ ରହିବ ସେତେ ମଙ୍ଗଳ କାରଣ ଉଭୟ ସମିତିର ଉଦ୍ଦେଶ୍ୟ ଏବଂ ଚେଷ୍ଟା ଏକମାତ୍ର ନଗରର ଶ୍ରୀ ବୃଦ୍ଧି ଅଟେ । ତହିଁ-ପତ୍ରରୁ ସେ ଗୃହ ନିର୍ମାଣ ନିୟମାବଳୀର ସମ୍ବନ୍ଧୀୟ ପ୍ରସ୍ତାବର ସଂକ୍ଷେପ ଇତିହାସ ଲେଖି ନିୟମାବଳୀର ଏକପ୍ରସ୍ତ ନକଲ ପଠାଇଦେଇଅଛନ୍ତି ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଶେଷରେ ଆସେସର ନିଯୋଗ ବିଷୟରେ ଏହିପରି ଲେଖିଅଛନ୍ତି ଯଥା—

"It is well known that the existing-assessment Registers are not quite correct nor thoroughly reliable. The Ward Sircars do not take steps promptly to make corrections therein. Under the old system much of the work, as a matter of course used to be left to the Ward sircar's or to the temporary Mohurirs appointed. It was hoped that if an honest man with thorough local knowledge would devote his whole time during 2 or 3 months to the assessment work, the work would be better done. It was also worth knowing whether there was any scope for a reasonable increase of income as it was a general complaint that taxation was low and for want of funds no improvement in the town could be effected. Taking the above matters into their consideration the municipal commissioners thought it fit to appoint a paid Assessor. * * * * Under the old method the expenditure would have been about Rs. 180 but the amount actually spent on this occasion comes up to Rs. 350-1-7 "

ଏଥିର ଭାବାର୍ଥ ଏହି ଯେ " ସମସ୍ତେ ଉତ୍ତମରୂପେ ଜାଣନ୍ତି ଯେ ବର୍ତ୍ତମାନର ବନ୍ଦୋବସ୍ତ ରେଜିଷ୍ଟରମାନ ଠିକ ନୁହେ ଏବଂ ସରକାରମାନେ ତାହା ଯଥା ସମୟରେ ସଂଶୋଧନ କରନ୍ତି ନାହିଁ । ପୁରୁଣା ରୀତିରେ ଅଧିକାଂଶ କାର୍ଯ୍ୟ ସରକାର ଓ ଠିକା ମୋହରରମାନେ କରୁଥିଲେ । ଅତଏବ ଜଣେ ସଚ୍ଚରିତ୍ର ସ୍ଥାନୀୟ-ଅବସ୍ଥାଭିଜ୍ଞ ବେତନଭୋଗୀ ଅସେସର ନିଯୁକ୍ତ କରିବାର ଆବଶ୍ୟକ ହେଲା । ଅସେସର ମା ୨।୩ ରେ ବନ୍ଦୋବସ୍ତ କାର୍ଯ୍ୟ ଉତ୍ତମରୂପେ ଶେଷ କରିବେ ଏବଂ ଏହି ମିଉନିସିପାଲିଟି ସମ୍ବନ୍ଧରେ ଯେଉଁ ସାଧାରଣ ଅଭିଯୋଗ ଶୁଣାଯାଏ ଯେ ଟିକସ ଊଣା ହେଉ କୌଣସି ଉନ୍ନତି ହୋଇ ପାରୁ ନାହିଁ ତାହା ହେତୁରୁ ନ୍ୟାୟସଙ୍ଗତ ଓ ପ୍ରକୃତରେ ଟିକସ ବୃଦ୍ଧି ହୋଇ ପାରେ କି ନା ତାହା ବୁଝାଯିବ । ଏହି ସମସ୍ତ ହେତୁରେ କମିଶନରମାନେ ଜଣେ ବେତନଭୋଗୀ ଅସେସର ନିଯୁକ୍ତ କରିଅଛନ୍ତି । ଏଥିରେ ଟ ୩୫୦/୭ ପାଇ ଖରଚ ପଡ଼ିଥିଲା ମାତ୍ର ପୁରୁଣା ରୀତିରେ କାର୍ଯ୍ୟ ହୋଇଥିଲେ ଟ ୧୮୦ ଟଙ୍କା ଖରଚ ହୋଇଥାନ୍ତା । "

ଏଠା ମିଉନିସିପାଲିଟିର ଟିକସ ରେଜିଷ୍ଟରମାନ ସମ୍ପୂର୍ଣ୍ଣ ଠିକ ବା ବିଶ୍ୱାସଯୋଗ୍ୟ ନଥିବା, ସରକାରମାନେ ଯେ ସମସ୍ତ ସଂଶୋଧନ କରିବାରେ ତ୍ରୁଟି କରୁଥିବା ଏବଂ ଟିକସଧାର୍ଯ୍ୟ କାର୍ଯ୍ୟ ଅନେକ ପରିମାଣରେ ସରକାର ଅଥବା ଠିକା ମୋହରରଙ୍କଦ୍ୱାରା ହେଉଥିବା ଏ ସବୁ ଜଣା କଥା ବୋଲି ଚେଅରମାନ ମହାଶୟ ଲେଖିଅଛନ୍ତି । ମାତ୍ର ଅମ୍ଭେମାନେ ଜାଣି ନ ଥିଲୁଁ ଏବଂ କରଦାତାମାନେ ପ୍ରାୟ ଜାଣି ନ ଥିଲେ ନୋହିଲେ ସେମାନଙ୍କର ସଭାରେ ସେ କଥା ପଡ଼ିଥାନ୍ତା । ବରଂ ପୂର୍ବ ଟିକସ ବନ୍ଦୋବସ୍ତ ବେଳେ କେତେକ କମିଶନରଙ୍କ ନଗର ବାସିଙ୍କଦ୍ୱାରା ଭୁଲ ଅବସ୍ଥା ତଦନ୍ତ ପୂର୍ବକ ଟିକସ ଧାର୍ଯ୍ୟ କରିବାର ଦେଖି ଠିକ ବ୍ୟବସ୍ଥା ଧାରଣା ହୋଇଥିଲା । ବର୍ତ୍ତମାନ୍ ଚେଅରମାନ ମହାଶୟ ଯେ ଦୋଷମାନ ପ୍ରକାଶ କରି ସରକାରଙ୍କୁ ପରିତ୍ୟ ହେଉଅଛନ୍ତି ମାତ୍ର ନଗର ବା ସଙ୍ଗ କମିଶନରମାନଙ୍କର କାର୍ଯ୍ୟ ଦକ୍ଷତା ଓ ଯୋଗ୍ୟତାର ପରିଚୟ ଦେଇ ପାରୁ ନାହାନ୍ତି । ସେ ଯେବେ ସରକାର ପ୍ରଭୃତି କର୍ମଚାରୀଙ୍କଠାରୁ କାର୍ଯ୍ୟ ନେବାକୁ ଅକ୍ଷମ ତେବେ ତାହାଙ୍କର କର୍ତ୍ତୃତ୍ୱ ଭାର ଗ୍ରହଣ କରିବା ତାହାଙ୍କର ଉଚିତ ନୁହେ ଏବଂ ଯେବେ କମିଶନରମାନେ ଅଯୋଗ୍ୟ ତେବେ ସେମାନଙ୍କର ସଭାପତି ହେବା ଅନ୍ୟାୟ । ସେ ନଜେ ଜଣେ ପୁରୁଣା କମିଶନର ଏବଂ ତେବେ ହେଲେ ଟିକସ ବନ୍ଦୋବସ୍ତ କରିଥିବେ । ସେ ସମୟରେ ଏ ସବୁ ଦୋଷ ସଂଶୋଧନର ଚେଷ୍ଟା କରିଥିଲେ କି ? ନା ଚେଅରମାନ ହେବାରୁ ସମସ୍ତ ଜାଣି ପାରିଲେ । ତାହା ହେଲେ ଅସେସର ନିଯୋଗ ପ୍ରସ୍ତାବ ହେବ ସ୍ଥଳରେ ସପକ୍ଷ ଏବଂ ବିପକ୍ଷ ମତ ସମାନ ହେବା ସ୍ଥଳେ ଏବଂ ତାହାଙ୍କର ଅଧିକା ମତରେ ଅସେସର ନିଯୁକ୍ତ ହେବା ପ୍ରସ୍ତାବ ଧାର୍ଯ୍ୟ ହୋଇଥିବା ସ୍ଥଳେ ତହିଁର ଦାୟିତ୍ୱ ଏକା ତାହାଙ୍କ ଉପରେ ରହୁଅଛି ତହିଁ ପାଇଁ ସେ ବିଶେଷରୂପେ ଦାୟୀ । ଏଥି ପାଇଁ ଅମ୍ଭେମାନେ ଆଶା କରୁଁ କି ତହିଁର ଫଳ ଯେପରି ଭଲ ହେବ ସେ ବିଷୟ ମତେ ତହିଁର ଚେଷ୍ଟା କରିବେ । ଅସେସରଙ୍କର କାର୍ଯ୍ୟ ଅତ୍ୟନ୍ତ ଅନ୍ୟାୟ ହୋଇଅଛି ସେ ବିଷୟରେ ସନ୍ଦେହ ନାହିଁ । କମିଶନରମାନେ ଅଯୋଗ୍ୟ ନୁହନ୍ତି । ଏବେ ନଜେ ସବୁ କାର୍ଯ୍ୟ ନ କଲେ ଅନ୍ୟ ଉପାୟ ନାହିଁ ।

---

ପୁସ୍ତକ ପ୍ରାପ୍ତି ସ୍ୱୀକାର ।

ସୁସୂତିକାପରିଚର୍ଯ୍ୟା ।—ଡାକ୍ତର ରାମଚନ୍ଦ୍ର ସାହୁଙ୍କଦ୍ୱାରା ପ୍ରଣୀତ । ପ୍ରସବ କାଳରେ ପ୍ରସୂତିର କି ପ୍ରକାର ସେବା କରିବାକୁ ହେବ ଓ ପ୍ରସବ ପରେ ପ୍ରସୂତିର କି କି ରୋଗ ଉପୁଜେ ତୁଣ ଏବଂ ତହିଁର ଲକ୍ଷଣ ଓ ଚିକିତ୍ସା ସଂକ୍ଷେପରେ ଏଥିରେ ବର୍ଣ୍ଣିତ ହୋଇଅଛି । ମୂଲ୍ୟ ମଧ୍ୟ ଦୁଇ-

Split by PDF Splitter

Digitized by srujanika@gmail.com

ଅଣା । ଏହା ଗୃହସ୍ଥ ମାତ୍ରଙ୍କର ଘରେ ରଖିବା ଉଚିତ ।

ମୁକ୍ତିଚିନ୍ତାମଣି ।—ପୁରୁଷୋତ୍ତମ ରାଜଙ୍କ କୃତ ଏହା, ସଂଶୋଧିତରୂପେ ପଣ୍ଡିତ ଶ୍ରୀ ସଦାଶିବ କାବ୍ୟକଣ୍ଠଙ୍କଦ୍ୱାରା ପ୍ରକାଶିତ । ଦେବନାଗର ଅକ୍ଷରରେ ଏହା କଲିକତା ଯନ୍ତ୍ରାଳୟରେ ମୁଦ୍ରିତ ହୋଇଅଛି । ଏହା ଉତ୍କଳ ବାହିନୀ ଭକ୍ତର ପରମାରାଧ୍ୟ ଶ୍ରୀ ଜଗନ୍ନାଥ ଦେବଙ୍କର ସ୍ତ୍ରୋତ୍ର, କ୍ଷେତ୍ର ମାହାତ୍ମ୍ୟ, ପ୍ରଭୁଙ୍କ ଦର୍ଶନ ଏବଂ ନିର୍ମାଲ୍ୟ ଭକ୍ଷଣ ଫଳ ଇତ୍ୟାଦି ସମସ୍ତ ଏଥିରେ ସ୍ଥାନ ପାଇଅଛି । ଏ ପୁସ୍ତକ ହିନ୍ଦୁମାନଙ୍କର ଆଦରଣୀୟ ଏବଂ ଯେଉଁମାନେ ସଂସ୍କୃତ ନ ଜାଣନ୍ତି ପଣ୍ଡିତଙ୍କ ସାହାଯ୍ୟରେ ଏହାର ମର୍ମ ବୁଝିଲେ ଉପକାର ପାଇବେ ।

ସନାତନୀୟ ନିତ୍ୟକର୍ମ ପଦ୍ଧତି ପରିଶିଷ୍ଟ ସହିତ ୨ୟ ଭାଗ ।—ଶ୍ରୀ ବାବୁ ବନମାଳୀ ବାଜପେୟୀ ପଣ୍ଡିତଙ୍କଦ୍ୱାରା ସମ୍ପାଦିତ । ଏ ଖଣ୍ଡି ଏ ବୃହତ୍ ପୁସ୍ତକ । ସାଧାରଣ ଆକୃତିର ପୃ ୨୮୪ ଖଣ୍ଡା । ଶ୍ରୁତିମାନଙ୍କ ପ୍ରକାଶ ଯେ ସମସ୍ତ ବେଦୋକ୍ତ ସନ୍ଧ୍ୟା, ତର୍ପଣ, ପୂଜାଦିର ଆବଶ୍ୟକୀୟ ମନ୍ତ୍ର ସ୍ୱଳ୍ପିତ ଏକତ୍ରିତ ପୁସ୍ତକାକାରରେ ପ୍ରକାଶିତ ହୋଇ ନ ଥିବାରୁ ଆର୍ଯ୍ୟଜାତିର ମଙ୍ଗଳ ଅଭିପ୍ରାୟରେ ଗ୍ରନ୍ଥକାର ଏହି ପୁସ୍ତକର ଏକ ସଂସ୍କରଣ ଦେବନାଗରାକ୍ଷରରେ ପ୍ରସ୍ତୁତ କରଅଛନ୍ତି ଏବଂ ଉତ୍କଳୀୟ ବ୍ରାହ୍ମଣମାନଙ୍କର ବିଶେଷ ସୁବିଧା ନିମନ୍ତେ ଏହି ଉତ୍କଳ ସଂସ୍କରଣ ପ୍ରକାଶପୂର୍ବକ ବିନା ମୂଲ୍ୟରେ ବିତରଣ କରୁଅଛନ୍ତି । ଏ ପୁସ୍ତକ ଲୋଡିବା ବ୍ୟକ୍ତିମାନେ ସ୍ୱୟଂ ତାହାଙ୍କ ନିକଟରେ ଉପସ୍ଥିତ ହେଲେ ଅଥବା ତାଙ୍କରେ ୮ ୵ ଅଣା ସହିତ ପତ୍ର ପଠାଇ ଲେଖିଲେ ପାଇପାରିବେ । ସ୍ୱଜାତିର ହିତାର୍ଥେ ପଣ୍ଡିତ ମହାଶୟ ବହୁପରିଶ୍ରମ ଓ ବ୍ୟୟ ସ୍ୱୀକାର କରିଅଛନ୍ତି ଏବଂ ତାହାଙ୍କ ପାଇଁ ସେ ଅଶେଷ ଧନ୍ୟବାଦର ପାତ୍ର ଅଟନ୍ତି ।

---

ଓଡ଼ିଶା ମେଡ଼ିକାଲ କଲେଜରୁ ନିମ୍ନଲିଖିତ ଛାତ୍ରମାନେ ଏ, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଅନର ତାଲିକା ।

୨ୟ ଶ୍ରେଣୀ ।

ଜ୍ଞାନେନ୍ଦ୍ରନାଥ ଦତ୍ତ | ସଂସ୍କୃତ ଗଣିତରେ

ପାସ ତାଲିକା ।

ସତ୍ୟେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ | ବ୍ରଜମୋହନ ପଟ୍ଟନାୟକ

ଗୋପୀନାଥ ଦାସ | ମୋହନମୋହନ ସେନାପତି

ରମାରଞ୍ଜନ ଚୌଧୁରୀ

ଓଡ଼ିଶାର କେତେକ ଛାତ୍ର ଅନ୍ୟ କଲେଜରୁ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଯଥା;—

ଅନର ତାଲିକା ।

୨ୟ ଶ୍ରେଣୀ ।

ବୈକୁଣ୍ଠନାଥ ମିଶ୍ର | ପ୍ରେସିଡେନ୍‌ସିକଲେଜ ସଂସ୍କୃତ ଓ ଦର୍ଶନ

ପାସ ତାଲିକା ।

ଶ୍ୟାମସୁନ୍ଦର ଦାସ | ରିପନକଲେଜ

ଚନ୍ଦ୍ରଶେଖର | ପ୍ରେସିଡେନ୍‌ସି କଲେଜ

---

ଓଡ଼ିଶାରୁ ନିମ୍ନଲିଖିତ ଛାତ୍ରମାନେ ଗତ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

୧ମ ଶ୍ରେଣୀ ।

୧ ଅବଦୁଲ ସାକୁର — ରେଭେନ୍ସା କଲେଜ
୨ ସତୀଶଚନ୍ଦ୍ର ବସୁ „ „
୩ ସୁରେନ୍ଦ୍ରନାଥ ମୁଖୋପାଧ୍ୟା „ „
୪ ସଦାନନ୍ଦ ପଟ୍ଟନାୟକ „ „
୫ ହରିହର ଦାସ — ପୁରୀ ଜିଲାସ୍କୁଲ
୬ ଶ୍ୟାମଚରଣ ଦାସ୍ୟାଷ୍ଟଦାସ ବାଲେଶ୍ୱର „
୭ ବଦୋଦେଶ୍ୱର ଦାସ ଗୁପ୍ତ „
୮ ଜାମାରୁଦ୍ଦିନ ଖାଁ ପ୍ୟାରୀମୋହନ ଏକାଡେମୀ

୨ୟ ଶ୍ରେଣୀ ।

୯ ଭରତଚନ୍ଦ୍ର ବସୁ — ରେଃ କଲେଜ
୧୦ ସୁରେନ୍ଦ୍ରନାଥ ଦାସ „
୧୧ ଜ୍ଞାନେନ୍ଦ୍ରନାଥ ବଳ „
୧୨ ସତ୍ୟେନ୍ଦ୍ରନାଥ ଗୁପ୍ତ „
୧୩ କାଶୀନାଥ ମହାନ୍ତି „
୧୪ ସତ୍ୟେନ୍ଦ୍ରନାଥ ମିଶ୍ର „
୧୫ ମହମ୍ମଦ ଅନ୍ୱର „
୧୬ ହେମଚନ୍ଦ୍ର ମୁଖୋପାଧ୍ୟାୟ „
୧୭ ଚିନ୍ତାମଣି ସାମନ୍ତରାୟ „
୧୮ ଅନଙ୍ଗକିଶୋର ଦାସ — ବାଲେଶ୍ୱର ଜିଲା
୧୯ ମୁକୁନ୍ଦପ୍ରସାଦ ଦାସ „
୨୦ ଗଣେଶପ୍ରସାଦ ପଟ୍ଟନାୟକ „
୨୧ ବ୍ରଜପ୍ରସାଦ ମହାପାତ୍ର „ ଖ୍ରୀଷ୍ଟିୟାନ
୨୨ ଗୋଲକନାଥ ନାୟକ — ପୁରୀ ଜିଲା
୨୩ ରଘୁନାଥ ପଟ୍ଟନାୟକ ପି, ଏମ୍, ଏକାଡେମୀ
୨୪ ଆମନୁଦ୍ଦିନ ଖାଁ „ „
୨୫ ନୀଳାମ୍ବରାନନ୍ଦ ଦାସ — କଟକ ମିଶନ
୨୬ ପ୍ରମୋଦନାଥ ଦତ୍ତ „
୨୭ ସୁରେଶକୁମାର ସରକାର „
୨୮ ଉମାକାନ୍ତ ମହାପାତ୍ର — କଟକ ଟାଉନ ଇନ୍‌ଷ୍ଟିଚ୍ୟୁସନ
୨୯ ପ୍ରଶାନ୍ତ ଗର୍ଗ „ „ „
୩୦ ନଗେନ୍ଦ୍ରନାଥ ଶୀଲ „ „ „
୩୧ ଜଗୋବନ୍ଧୁ ଦାସ — କେନ୍ଦ୍ରାପଡ଼ା
୩୨ ପଦ୍ମଚରଣ ଜେନା „
୩୩ ମଖୁଦ ମହମ୍ମଦ ୟୁସୁଫ „
୩୪ ନାରାୟଣ ନାୟକ — ଯାଜପୁର
୩୫ ପୂର୍ଣ୍ଣେନ୍ଦୁମୋହନ ଚକ୍ରବର୍ତ୍ତୀ — ମୟୂରଭଞ୍ଜ
୩୬ ଲଳିତମୋହନ ଘୋଷ „
୩୭ ରାଧାନାଥ ଦାସ „
୩୮ ମହେନ୍ଦ୍ରପ୍ରସାଦ ଦତ୍ତ — ଭଦ୍ରକ
୩୯ ତ୍ରୈଲୋକ୍ୟନାଥ ସାହା — ଲକ୍ଷ୍ମଣନାଥ
୪୦ ସତ୍ୟାନନ୍ଦ ପଧାନ — ଢେଙ୍କାନାଳ

୩ୟ ଶ୍ରେଣୀ ।

୪୧ ସୁରପତି ବସୁ — ରେଃ କଲେଜ
୪୨ ମହମ୍ମଦ ଅବଦୁଲ ଅହାଦ „
୪୩ ଯୋଗେନ୍ଦ୍ରନାଥ ମୁଖୋପାଧ୍ୟାୟ „
୪୪ ଲଳିତମୋହନ ପାଲିତ „
୪୫ ବାଲକୃଷ୍ଣ ପଟ୍ଟନାୟକ „
୪୬ କୃଷ୍ଣଶଙ୍କର ରାୟ „
୪୭ ନଗେନ୍ଦ୍ରନାଥ ସେନ ଗୁପ୍ତ „
୪୮ ଗୋପାଳଚନ୍ଦ୍ର ମହାନ୍ତି „
୪୯ ଚନ୍ଦ୍ରକାନ୍ତ ବସୁ — ପୁରୀ ଜିଲା ସ୍କୁଲ
୫୦ ଗୋପୀନାଥ ମିଶ୍ର „
୫୧ ସତ୍ୟବାଦୀ ପାଣି „
୫୨ ସୁରପତି ବସୁ — ବାଲେଶ୍ୱର ଜିଲା ସ୍କୁଲ
୫୩ ଶ୍ୟାମସୁନ୍ଦର ବିଶାଳ „
୫୪ ଅନନ୍ତପ୍ରସାଦ ଦାସ „
୫୫ ନାରାୟଣପ୍ରସାଦ ଦ୍ୱିବେଦୀ „
୫୬ ଚରଣଚନ୍ଦ୍ର ଘୋଷ „
୫୭ ଯୋଗୀନ୍ଦ୍ରନାଥ ମହାନ୍ତି ପ୍ୟାରୀମୋହନ କଟକ
୫୮ ମହମ୍ମଦ ଅବଦୁଲ ରହମ „
୫୯ ଅଫଲ କରୀମ୍ କରିମୁଲା „
୬୦ ଅର୍ତ୍ତବନ୍ଧୁ ମହାନ୍ତି — କଟକ ଟାଉନ ଇନ୍‌ଷ୍ଟିଚ୍ୟୁସନ
୬୧ ଜଗନ୍ନାଥ ମହାନ୍ତି „ „
୬୨ ବୈଦ୍ୟନାଥ ପଟ୍ଟନାୟକ „ „
୬୩ ଉ ମହାନ୍ତି — କଟକ ମିଶନ
୬୪ ଯଦୁମଣି ପଟ୍ଟନାୟକ „ „
୬୫ ଇ, ଏଲ, ସ୍ମିଥ „ „
୬୬ ରାଧାମୋହନ ଦାସ — କେନ୍ଦ୍ରାପଡ଼ା
୬୭ ସୟଦ ସର୍ଫରାଜ ହୋସେନ „
୬୮ ଗୋପୀନାଥ ଦାସ — ଖୋର୍ଦ୍ଧା
୬୯ ତ୍ରିଲୋଚନ ଷଡ଼ଙ୍ଗୀ — ଲକ୍ଷ୍ମଣନାଥ
୭୦ ଜୟଦାନନ୍ଦ ରାୟ — ଭଦ୍ରକ
୭୧ ଜୀବନକୁମାର ଦାସ ଗୁପ୍ତ — କଟକ ଜାହାଜଘାଟ
୭୨ ସୁନ୍ଦର ରାମଚନ୍ଦ୍ର ଗୋରକ୍ଷକର „ „

ସମ୍ବଲପୁର ସ୍କୁଲରୁ ଦୁଇଜଣ ଛାତ୍ର ଯଥା—

ଶଶିଭୂଷଣ ପଣ୍ଡା, ଜଗଦୀଶ ଗୁରୁ } ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

---

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ବହରମପୁରର ଡେ। ମାଜିଷ୍ଟ୍ରେଟ ଓ ଡେ। କଲେକ୍ଟର ବାବୁ କମଳାକାନ୍ତ ଭଟ୍ଟାଚାର୍ଯ୍ୟ କଟକ ଜିଲାର ସଦର ମହକୁମାରେ ସ୍ଥାନାନ୍ତରିତ ହେଲେ ।

ଭଦ୍ରକର ସବଡେପୁଟି କଲେକ୍ଟର ବାବୁ ଚନ୍ଦ୍ରକୁମାର ନାଥଙ୍କ ଏଠାରେ ଫୌଜଦାରୀ ମୋକଦ୍ଦମାର ବିଚାର ଭାର ଗ୍ରହଣ କରିବାର କ୍ଷମତା ପ୍ରାପ୍ତ ହେଲେ ।

ଅତିରିକ୍ତ ଡେପୁଟି କଲେକ୍ଟର ବାବୁ ନନ୍ଦକିଶୋର ଦାସ ପ୍ରଥମ ଶ୍ରେଣୀର ଭାର ପ୍ରାପ୍ତ ହେଲେ ଓ ପ୍ରଥମ ଶ୍ରେଣୀର ଆବକାରୀ କମିଶନରଙ୍କ କ୍ଷମତା ପ୍ରାପ୍ତ ହେଲେ ।

କଟକ ଡାକ୍ତରଖାନାର ସିଭିଲ ଆସିଷ୍ଟାଣ୍ଟ ସର୍ଜନ ବାବୁ ହେମନ୍ତ କୁମାର ସେନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

---

Split by PDF Splitter

Digitized by srujanika@gmail.com

Split by PDF Splitter




## ବିଜ୍ଞାପନ ।

ଆଉ ଡାକ୍ତରଙ୍କୁ ଅସ୍ଥାୟୀ ଗୁଣବିଶିଷ୍ଟ ସାଲସା ପ୍ରଭୃତି ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

# DANZIN

ବ୍ରିଟିଷ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜିଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ତୁଳନ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜୀନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସୁଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ବେଜେଗୁଜ୍ଞଏ ଲତା ଓ ଗୁଳ୍ମ କାର୍ଯ୍ୟାଦିସହିତ ବ୍ରିଟିଷ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିୟାର ଅନୁମୋଦିତ ଅନୁସରଣ, ଫାର୍ମେସୀ ଓ ଭାନିସ୍ୟାନା ପ୍ରଭୃତି କେତୋଟି ପ୍ରସିଦ୍ଧ ବହୁ ପରୀକ୍ଷିତ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ପାରଦର୍ଶିତାର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜୀନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭକୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରୁଥାନ୍ତି ଯେବେ ତୁମ୍ଭେ ସାଲସା ପ୍ରଭୃତି ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭର ବନ୍ଧୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ ଥରେ ଏହି ମହାଶକ୍ତି "ଡ୍ୟାନଜୀନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମୀର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ ଛାଡ଼ିଲେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ସାଧାରଣଙ୍କର ଯେ ବିଶ୍ୱାସ "ଡ୍ୟାନଜୀନ" ଏହାକେଲେ ଦୂରୀଭୂତ କରିଦେଇଅଛି । ଡ୍ୟାନଜୀନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରିଦେବାର ସ୍ପଷ୍ଟ ଦେଖାଯାଏ । ସାଲସା—ରୋଗ ଗୁପ୍ତ ରଖେ । ଡ୍ୟାନଜୀନ ରୋଗ ଗୁପ୍ତ ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ସାଲସାର ଗୁଣ ଅସ୍ଥାୟୀ । ଡ୍ୟାନଜୀନ ଗୁଣ ସ୍ଥାୟୀ ।

ଡ୍ୟାନଜୀନ—ମଦ, ଅଫିମ, ଷ୍ଟ୍ରିକନାଇନ୍, ମାର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂସ୍ରବ ନାହିଁ ତଥାପି ଏହାର ଏକ ଅପୂର୍ବ ଗୁଣ ଏହି ଯେ ଔଷଧ ସେବନର କେତେକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜୀନ—ଖାଇବାକୁ ସୁସ୍ୱାଦୁ, ସଦ୍ଗନ୍ଧଯୁକ୍ତ, ଡ୍ୟାନଜୀନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ଭୟରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ଧନୀ ଦେହର ଜୀବନ ।

ଡ୍ୟାନଜୀନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା । ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଜ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ପୂଜାପରି ପଦାର୍ଥ ବାହାରି ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମୂର୍ଚ୍ଛାଧିକ୍ୟ, ମୂଣ୍ଡବୁଲା, ଘୁସଘୁସ ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜ୍ୱଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତ ସ୍ରାବ, କଷ୍ଟରଜ, ଋତୁକାଳରେ ପେଟରେ ବେଦନା ଓ କନକନାଣି ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗରେ ଘା ଓ ଚକା ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଝଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ପଞ୍ଚୁଆ, ନାଳିଘା, ଖାଉଜ, ଭଗନ୍ଦର, ନାଲି କୁଣ୍ଡିଆ ଓ ଏମନ୍ତ କି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜୀନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧ । ୩ ବୋତଲ ଟ ୩।୦ ୬ ବୋତଲ ଟ ୬।୦ ଓ ୧୨ ବୋତଲ ଟ ୧୪୧୦ ଡାକ୍ ମାଶୁଲ ୧ ଠାରୁ ୩ ବୋତଲ ଟ ୦ । ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୵ ଅଣା ।

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆର, ବି, ଜି, ଏଣ୍ଡ କୋଂ

ହେଡ୍ ଅଫିସ—ନଂ ୧୦ ମିର ଅପର ଚିତପୁର ରୋଡ୍ କଲିକତା ବଡ଼ବଜାର ପୋଷ୍ଟଅଫିସର ଠିକ ସମ୍ମୁଖରେ

## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ । ଡାକ ଟ ୵୦ ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ।୵

ଡାକ୍ତର ମାର୍ଟିନଙ୍କର "ଅଲ୍‌ସର୍ ମେଣ୍ଡ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ । ମୂଲ୍ୟ ପ୍ରତି କୌଟା ଟ ୧୦ ଡାକ ଟ ।୦ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ।୵

ଏଜେଣ୍ଟସ—ଆର, ବି, ଜି ଏଣ୍ଡ କୋଂ ନଂ ୧୦ ମିର ଅପର ଚିତପୁର ରୋଡ କଲିକତା


Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ କବିରତ୍ନଙ୍କର

ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।

୯୩ । ୨ ନଂ ହରଘୋଷଷ୍ଟ୍ରୀଟ, ସିମଳିଆ,

କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାତୀୟ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗସିଦ୍ଧ ବଟିକା ।

(ଅର୍ଥାତ୍ ଋଷିକୃତ ଯୋଗଲବ୍ଧ ସିଦ୍ଧମହୌଷଧ)

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତର ମାନଙ୍କ ଚିକିତ୍ସାର ରୋଗସମୂହ ଆରୋଗ୍ୟ ହେବା କଷ୍ଟକର ଏପରି ମହୌଷଧ ଆଉ ନାହିଁ ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳ-ଉଦ୍ଗାର (ଖଟାଢେକୁର) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ ଏତଦ୍ଭିନ୍ନ ଅର୍ଦ୍ଧରୋଗ, ଉଦରୀ, ଉଦରାମୟ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋ ରୋଗ, ପାଣ୍ଡୁରୋଗ, ଶରୀରରେ ଚକାଚକା ଚିହ୍ନ, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ସ୍ନାୟବିକ-ଦୌର୍ବଲ୍ୟ, ବହୁମୂତ୍ର, ମେହରୋଗ, ମସ୍ତିଷ୍କଘୂର୍ଣ୍ଣନ, ହସ୍ତ ପଦ ମୂତ୍ରସ୍ରାବ ଓ ନାଳୀଘା ନିଃଶେଷ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଡମାଳ, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର ବାତରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ, ବାଧକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ହିଷ୍ଟିରିଆ ପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଦେହର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗମୁକ୍ତ କରି ସୁସ୍ଥ ଅବସ୍ଥାକୁ ଆଣିବା ଏହି ଔଷଧର ପ୍ରଧାନ କାର୍ଯ୍ୟ

୪୮ ବଟିକାପୂର୍ଣ୍ଣ ଏକ ଡବିର ମୂଲ୍ୟ ଆଠଅଣା ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ଚାରି ଅଣା । ଓଡ଼ିଆ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ

## ବିଜ୍ଞାପନ ।

### ନୂତନ ପୁସ୍ତକ ।

ଭାସରକ ଗୀତା ୨ୟ ଭାଗ ୳ ୦ ।

ମଣ୍ଡପରଣ ସ୍ୱପ୍ନ ୳ ୦ /

ବଙ୍କ ଅଶ୍ରୁଚନ୍ଦ୍ର ବା ନାଦମଣି ଉପନ୍ୟାସ ୳ ୦ ୵

ଭକ୍ତି-ସଙ୍ଗୀତ ୵ ୦ /

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ମିଳିବ ।

## ବିଜ୍ଞାପନ ।

TRADE MARK

W. MAJOR & CO.'S MEDICAL LABORATORY CALCUTTA

TRADE MARK

REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !! ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ—ସେହି

### "ଇଲେକ୍ଟ୍ରୋ ସାଲସା"

ବ୍ରିଟିଷ ଗବର୍ଣ୍ଣମେଣ୍ଟର ଆଇନ ଅନୁସାରେ ରେଜେଷ୍ଟ୍ରୀ ହୁଡ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!

ଅଦ୍ଭୁତ ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଅନ୍ୟ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ ! ଯେହେତୁ—

ଇଲେକ୍ଟ୍ରୋ ସାଲସା :—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର ଚିଠି ଆସୁଅଛି ଦେଶ ଦେଶ ଧରୁ ମେହପର ରାଶି ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ।

ଇଲେକ୍ଟ୍ରୋ ସାଲସା :—ଡବୋଇବାର ଲୁପା ପୂରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ଅଦ୍ଭୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡେ ଏବଂ ତାହାର ଆରୋଗ୍ୟକାରିତା ଶକ୍ତି ଗୁଣକୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ କରିଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ କାର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍ଟ୍ରୋ ସାଲସା :—ବ୍ୟଗ୍ରତ ବ୍ରିଟିଷ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବର୍ଦ୍ଧିତ ହେଉଥିବା ନ ସ୍ୱଦେଶୀ ନ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ତାଙ୍କ ଉଣେ କରନ୍ତି—

ଇଲେକ୍ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇ-ଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅଳ୍ପ କାଳ ମଧ୍ୟରେ ଏହି ଔଷଧପ୍ରାପ୍ତିର ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଆଉ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ବଡ଼ ହାସପାତାଳରେ ରୁଗ୍ଣ-ଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରା ଯାଉଅଛି । ଅସୁସ୍ଥ, ଇଉରୋପ, ଆମେରିକା, ଅଷ୍ଟ୍ରେଲିଆ ମହାଦେଶର ଲକ୍ଷ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସତ୍ୟ ଯେପରି ବ୍ରହ୍ମାଣ୍ଡ ଚମତ୍କୃତ କରିବାକୁ ଶୁଭକ୍ଷଣରେ- ଶୁଭମୁହୂର୍ତ୍ତରେ ଜନ୍ମ ହୋଇଥିଲା !!! ବାସ୍ତବିକ ଏରୂପ ମଙ୍ଗଳକାରୀ ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଧାରେ ଏବେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍ଟ୍ରୋ ସାଲସା । ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଅଣ୍ଡ ଗଣ୍ଠି ଫୁଲିବ ଲୁଣ୍ଠିତ ହୋଇ ଫୁଲି ଉଠିବା, କୁଷ୍ଠିଅଣ, କୁଲି ଗଣ୍ଠି ଓ ପାଦର ଘା, ନାଳ ଓ ନାକର ଘା ଦେହରେ ବା ହସ୍ତ ଓ ପଦ ତଳରେ ଫାଟି ଉଠିବା ଧଳା ବା କଳା ଚିହ୍ନ, ଧବଳ କୁଷ୍ଠ-ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର ଆନୁଷଙ୍ଗିକ ଲକ୍ଷଣାଦି ପୁଣି ପାରଦ ଓ ଉପଦଂଶ ବିଷର ନିତ୍ୟ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁଷ୍କବୀର୍ଯ୍ୟ ସ୍ନିଗ୍ଧସ୍ଥିତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ— ତଥା ଯାବତୀୟ ଶୁକ୍ରବ୍ୟାଧି— ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ର, ନାଳରୁ ଶୁକ୍ର ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ,

Digitized by srujanika@gmail.com

ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, ସ୍ୱପ୍ନ ମଳ ବେଗରେ ବୀର୍ଯ୍ୟ ନିର୍ଗତ ହସ୍ତ ମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ମରଣ, ଶକ୍ତି ହ୍ରାସ, ମୁଣ୍ଡ ଘୁରାଇବା, ଚକ୍ଷୁର ଅନ୍ଧକାର ଜର୍ଜ୍ଜର ପ୍ରୟୁକ୍ତ, ଚଳିବା ବସିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା:—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜୀର୍ଣ୍ଣ ଶୀର୍ଣ୍ଣ ଦେହ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍‌ଟ୍ରୋ ସାଲସା:—ସହିତ କୌଣସି ପ୍ରକାର ପଥ୍ୟାଦି ଦ୍ରବ୍ୟର ସମ୍ପର୍କ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଅବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ:— ସୁଧା ଭ୍ରମରେ ହିଁ ଭୁଲ କର ନାହିଁ । ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍‌ଟ୍ରୋ ସାଲସା" ଶୁକ୍ର ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀ ହେଲା ଆଜ ଯାଏ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତିକା ଆକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବା ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି ସେମାନଙ୍କର ଓ ଅନ୍ୟାନ୍ୟ ଦୂର ଦେଶବାସୀ ରୋଗୀଙ୍କର ସୁବିଧାର୍ଥେ-ପୁଣି ଟେଲିଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଆମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜେଷ୍ଟରୀ କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର୍—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଆମ୍ଭ ଅଫିସରେ ପହୁଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର:—ଆବିଷ୍କର୍ତ୍ତା—ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍‌ଟ୍ରିସିଆନ, ଇଉରୋପୀୟ ଆମେରିକା । ଭାରତବର୍ଷରେ ଏକମାତ୍ର ଏଜେଣ୍ଟ ଓ ପ୍ରାପ୍ତିସ୍ଥାନ;—"ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନି," କଲିକତା

☞ ଏହାର ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ

ଏହିପରି ଆଦର୍ଶ "ଟ୍ରେଡମାର୍କ" ଯେଉଁ ଶିଶିରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ-ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

ଶୁଦ୍ଧ ଓ ଖାଣ୍ଟି ଅମୃତୋପମ ଔଷଧ

W. MAJOR & CO.'S MEDICAL LABORATORY CALCUTTA. TRADE MARK

ଶୁକ୍ରଦୋଷ ନିବାରଣ ଉପାୟ

ଆମେରିକା ସବେଶଷ୍ଠ ଲେସ୍ପର୍ଦ୍ଧିଜିଗରବାସୀ ମହାମଣ୍ଡ ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଅଦ୍ଭୁତ;—

"ଇଲେକ୍‌ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତିପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ । ସେହି ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଅଇ ନାହିଁ, ବଡ଼ ପଣ୍ଡିତମାନେ ଯେଉଁ ରୋଗ ଅସାଧ୍ୟ ହୋଇ ସ୍ଥିର କରିଅଛନ୍ତି ଏହି ମହୌଷଧ ସେହି ରୋଗରେ ତୁଲ୍ୟ !

ଇଲେକ୍‌ଟ୍ରୋ ସାଲସା;—ନ ବୋଲାଇବ ଜଗତ୍ସ୍ଥିତ ସ୍ୱାଭାବିକ ପ୍ରକ୍ରିୟାରେ ତାଡ଼ିତଶକ୍ତି ଏବଂ ଉଦ୍ଭିଦର ତୀବ୍ର ମାଦକ ଦେହରେ ଏହାର ଅନୁରୂପ କିମ୍ବା ପ୍ରଭାବ ପାଏ ଏବଂ ସ୍ୱତନ୍ତ୍ରଭାବ ଔଷଧ ସେବନାନ୍ତେ ମନରେ ଦୃଢ଼ ସେମନ୍ତ ଶରୀରାନ୍ତରେ କୌଣସି ବୈଦ୍ୟୁତିକ କିମ୍ବା ଅଦ୍ଭୁତ ଚେତନା କର । ଏହିଠାରେ ଏହାର ଶକ୍ତିମତ୍ତାର ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ନିଦର୍ଶନ ।।

ଭିଜ୍ଞାନ—ଅସ୍ମମାନଙ୍କ ଶିକ୍ଷା ଦେଇଅଛନ୍ତି ଯେ ଜଗତର ଜୀବନର ପ୍ରତ୍ୟେକ କାର୍ଯ୍ୟ ପ୍ରକୃତିର ଗତି । ଜଗତର ପ୍ରବାହ ବିଶେଷ ପ୍ରକୃତ ଦେଖା ସମ୍ଭବ । ଏପରି ଜଗତର ସମସ୍ତ ଶକ୍ତି ଯେ ଔଷଧରେ ସଂଯୋଗ ରହିଅଛି, ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କଅଣ ?

ପାଶ୍ଚାତ୍ୟ ଶାସ୍ତ୍ରର ଉଚ୍ଚ ପଣ୍ଡିତମାନେ କହନ୍ତି, ତାଳୀ ସ୍ୱପ୍ନଦୋଷର ଉତ୍ପତ୍ତିକାରଣ ଓ ଶକ୍ତି ଉତ୍ପାଦ ଅବସ୍ଥାରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତିର ହ୍ରାସ ହୋଇ ସ୍ନାୟୁମଣ୍ଡଳ ବିକୃତ ଘଟେ ଏବଂ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ପୁଣି ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସମତା ଶରୀରାଭ୍ୟନ୍ତରରେ ରକ୍ଷା କରିପାରିଲେ ମାନବ ନିରୋଗୀ ଓ ଦୀର୍ଘାୟୁ ହେବାରେ ସନ୍ଦେହ ନାହିଁ । ମାତ୍ର ଔଷଧ ସମ୍ପାଦନ ଦ୍ୱାରା ସେହି ଶକ୍ତିର ସମତା ରକ୍ଷା ହୋଇ ନ ପାରେ । ତାହାର ଶକ୍ତି ସଂଯୋଗ ସମ୍ବନ୍ଧରେ କୌଣସି

ଔଷଧରେ ଯେ ଅଭାବ ସମ୍ପନ୍ନ ମୋଚନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ବୈଜ୍ଞାନିକ ଉପାୟରେ ତାଡ଼ିତଶକ୍ତି ଅବସ୍ଥାନ କରନ୍ତି ଏବଂ ସେହି ଦେହରେ ତାହାର ବାହ୍ୟ ପ୍ରୟୋଗ କରାଇ ବାତ, ପକ୍ଷାଘାତ, ସ୍ନାୟୁଦୌର୍ବଲ୍ୟ ପ୍ରଭୃତି ରୋଗୋତ୍ପନ୍ନ ଅବସ୍ଥା ଦମନ କରିବାକୁ ସମର୍ଥ ହୁଅନ୍ତି । ଫଳରେ ଉହିଁର କିମ୍ବା ମଧ୍ୟ ସେ ଅସ୍ଥାୟୀ ଏ କଥା ଚିକିତ୍ସକ ସମାଜର ଏବେ ଅଜ୍ଞ ବୁଝାଇ ଦେବାକୁ ହେବ ନାହିଁ । ଅଥ ଏ ବଂଶଗତିକ ପ୍ରାରମ୍ଭରେ ବଞ୍ଚିତର ମହାସ୍ୱାମୀ କ୍ଷମତା ନାହିଁ ଡାକ୍ତର ମେଜର ତାଡ଼ିତଶକ୍ତିର ଅଭ୍ୟନ୍ତରୀଣ ପ୍ରୟୋଗାର୍ଥ ତାହାକୁ ଔଷଧ ଭେଷଜ କାର୍ଯ୍ୟରେ ସଂଯୋଗ କରି ଏହି ଅମୋଘ ଔଷଧ ସୃଷ୍ଟି କରି ପଠାଉଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଅପ୍ରେଗ୍ୟ ସଞ୍ଜୀବନୀ ଭାବରେ ଜଗତରେ ନୂତନ ଯୁଗ ଆଣି ଦେଇଅଛନ୍ତି !!!

ଅଲ୍ପ କାହାରିକୁ ଅସ୍ଥାୟୀ ଓ ଅସ୍ଥାୟୀ ଗୁଣଦର୍ଶୀ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଲ୍ପ କାହାକୁହିଁ ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଅତେ ଏହି ମହୌଷଧକୁ ଏହି ମହାବୈଜ୍ଞାନିକ ଏହି ବୈଦ୍ୟୁତିକ ସାଲସା "ଇଲେକ୍‌ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସଙ୍ଗେ ଫଳ ପାଇବ ଅନିର୍ବଚନୀୟ ଦେହ ପୁଣି କିମ୍ବା ହେବ, ଯୌବନକାଳୋଚିତ ଉତ୍ସାହ ଓ ସାମର୍ଥ୍ୟ ପୁଣି ଫେରିପାଇବ ।

ରକ୍ତ ପିତ୍ତର ଦୃଷ୍ଟି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ, ଗର୍ମି, ନାଲିଘା, ଗାତ୍ରକଣ୍ଡୁ, କାଛୁ, କୁଷ୍ଠ, ଗଣ୍ଡମାଳା ପ୍ରମେହ, ଧାତୁ ଦୌର୍ବଲ୍ୟ, ଗାତ୍ର ଦାହ, ସ୍ୱପ୍ନଦୋଷ ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ଲିଙ୍ଗ ଢିଲା, ମନ୍ଦ ଜ୍ୱାଳାର, ବୋଝ଼କରି ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା— ଯେତେ ନୂତନ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ ।

ଅଶେଷ ଉଦ୍ଦେଶ ପ୍ରତି ମୂଲ୍ୟ କାଳଭରେ ଦେଖ ! ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ୧୲୯ ୩ ଶିଶିର ୫ ଅଣ, ୬ ଶିଶିର ୫ ୧୦, ଡଜନର ୫ ୨୦୧ ଡାକଖର୍ଚ୍ଚ ପଠାଇବାର ଡାକମାସୁଲ ଓ ପ୍ୟାକିଂ ପ୍ରତି ଶିଶିରେ ୫ ୦ ।୶, ୩ ଶିଶିରେ ୫ ୦ ୵, ୬ ଶିଶିରେ ୵, ଡଜନରେ ୫ ୧।୶ ।

ଆମ୍ଭମାନଙ୍କର ପତ୍ର ପଠାଇବାର ଠିକଣା !

W. MAJOR & Co } ଡବ୍ଲିଉ, ମେଜର ଏଣ୍ଡ କୋଂ
Calcutta } କଲିକତା

TELEGRAPHIC ADDRESS:
"MAJOR" Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ହାର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

| | |
|---|---|
| ପ୍ରଥମଥର ସକାଶେ | |
| ଧାଡ଼ିପ୍ରତି | ୮ ୦ ୶ |
| ଅଧମୂଲ୍ୟ | ୫ ୵ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୫ ୩ ୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କମ୍ ହେଲେ, ଉହିଁର ଖର୍ଚ୍ଚ ୫୦ ଏ ଶାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ପତ୍ର କଟକ ରବାରବାରେ ପ୍ରିଣ୍ଟିଂ କମ୍ପାନି ଲିମିଟେଡର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲ

Digitized by srujanika@gmail.com

Split by PDF Splitter



କୌଣସି ଔଷଧରେ ଯାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ ନିରାଶ ହୋଇ ତୁମ୍ଭଙ୍କୁ ଛାଡ଼ି ଯାଇଥାଅନ୍ତି, ଯଦି ସାଲସା, କଡ଼ଲିଭରଅଏଲ, ଫସ୍ଫୋରାଇଲ ରେଇକୁ ଉ୍ୟାନଡଡ଼ ପ୍ରଭୃତି ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ହତାଶ କରୁଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ ରୋଗମୁକ୍ତ ହୋଇ ସୁଖରେ ଦୀର୍ଘଜୀବନ ଲାଭକରିବ । ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ କ୍ରିୟାପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶକୁ କେବେ ଆମଦାନୀ ହୋଇ ନାହିଁ ।

କଏ ନ ଜାଣେ ସାଲସା, କଡ଼ଲିଭର ଅଏଲ, ପ୍ରଭୃତି ଔଷଧ ସମୂହରେ ରୋଗ ଚଢ଼ିଯିବହେ !

କ୍ଷଣିକ ଉପଶମ ଦେଖାଇ ପୁନରାୟ ସମୟରେ ବ୍ୟାଧି ବିଶେଷରେ ପ୍ରବଳାକାର ଧାରଣ କରେ । ସେତେବେଳେ ତାହା ସାମୟିକ ସାଧ୍ୟ ବିଶେଷ ହୋଇଯାଏ ଅଥଚ ସକଳ ସମୟରେ ଏମନ୍ତ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । କିମ୍ବା ନିୟମର ଅଧୀନରେ ରହିବାକୁ ହୁଏ । କିନ୍ତୁ

ସ୍ପାରମାଟିନ ।

ତାହାର ସଂପୂର୍ଣ୍ଣ ବିପରୀତ ପୂର୍ଣ୍ଣଶକ୍ତିଶାଳୀ ଅର୍ଥାତ୍ ଅବ୍ୟର୍ଥର କ୍ରିୟା ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେରି ଆସେ ନାହିଁ । ସୁତରାଂ ଜାତୀୟ ରୁଚି ବିଶେଷରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅତ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଉପକାରି, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଅଦ୍ୟାପି, ଇଉରୋପ ଆମେରିକା ଓ ଅଷ୍ଟ୍ରେଲିଆ ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତିବର୍ଷ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ଚିକିତ୍ସା ବାହୁଲ୍ୟ, ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଜ୍ୱଳନ୍ତ ପ୍ରମାଣ !

ସ୍ପାରମାଟିନ କଣ ?

କେତେକଜଣ ସୁବିଜ୍ଞ ଶ୍ରେଷ୍ଠ ଚିକିତ୍ସକଙ୍କର ୨୦ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଖଣିଜ ପଦାର୍ଥର ବୈଷଲ୍ୟାଂଶର ସହିତରେ ସାମୁଦ୍ରିକ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ଜୀବର ତୈଳାଂଶ ସହ ଯୋଗରେ ରସାୟନିକ ପ୍ରକରଣରେ ଏହି ମହୌଷଧ ପ୍ରସ୍ତୁତ ।

ଅଥଚ ସେବନରେ କଷ୍ଟକର ବା ଦୁର୍ଗନ୍ଧ ଯୁକ୍ତ ନୁହେ କିନ୍ତୁ ଗୁଣର ତୁଳନାରେ ଏତ ମାତ୍ରା ଔଷଧ ଏବଂ ମୋଦକ ଅପେକ୍ଷା ମୂଲ୍ୟବାନ୍ ଅଟଇ ।

ସ୍ପାରମାଟିନର ଶକ୍ତି ନିମ୍ନପ୍ରକାର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ, ଓ ମୂତ୍ରପିଣ୍ଡ ବା ଫୁସ୍ ୨ ସମ୍ବନ୍ଧୀୟ ପୀଡ଼ା—

୧ । ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତସ୍ଖଳନ, ମେହ, ପ୍ରମେହ, ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୁହୁର୍ମୁହୁ ଅଳ୍ପ ବା ଅଧିକ ପ୍ରସ୍ରାବ, ଫୋଟା ୨ ମୂତ୍ର ପତନ, ପ୍ରସ୍ରାବରେ ଜ୍ୱାଳା, ମୂତ୍ରସହ ଶୁକ୍ରପତନ, ମୂତ୍ର ନଳରେ କ୍ଷତ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ର କ୍ଷୟ ଜନିତ ମୁଣ୍ଡବ୍ୟଥା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱଳା, ସ୍ମରଣ ଶକ୍ତିର ହ୍ରାସତା, କ୍ଷୁଧାଭାବ, ହାତ ଗୋଡ଼ ଫୋଲା ହେବା, କେଶର ଅକାଳପକ୍ୱତା, ମୁଣ୍ଡର ବାଳ ଝଡ଼ିପଡ଼ିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଜୀର୍ଣ୍ଣ, କୋଷ୍ଠବଦ୍ଧତା ପ୍ରଭୃତି ଅନୁଷଙ୍ଗିକ ବିବିଧ ପ୍ରକାର ଶୁକ୍ରଜୀର୍ଣ୍ଣ ଓ ତଜ୍ଜାତ ବହୁବିଧ ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ ।

୨ । ପାରା ଓ ଗରମିର ବିଷାକ୍ତତା ବା ବିଷାକ୍ତ ଔଷଧାଦି ବ୍ୟବହାରରେ କିମ୍ବା ମ୍ୟାଲେରିଆର ବିଷ ପ୍ରଭୃତି ଶରୀରରେ ପ୍ରବିଷ୍ଟ ହେବା କାରଣରୁ ଉକ୍ତର ଦୂଷିତ ଗରମୀ ଘା, ଶାଙ୍କର ଘା, ନାକ ଓ ମୁଖରେ ଏବଂ ମୁଣ୍ଡରେ ଘା, ମୁଣ୍ଡର ବାଳଝଡ଼ିପଡ଼ିବା ହାତ ଗୋଡ ଓ ଅସ୍ଥିରେ ବେଦନା, ନୂତନ ପୁରାତନ ମେହ ଗଣ୍ଠିବାତ, ଗରମୀ ବାତ, ଗଣ୍ଠିବାତ, ଶମ୍ଭାଳ ଗଣ୍ଠି ଓ ସନ୍ଧିସ୍ଥଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡ଼ିବା, ଦେହରେ ଚକା ୨ ଦାଗ, ହାତ ଓ ଗୋଡର ତଳାରେ ସ୍ଥାନେ ୨ ଖାଦ ବା ଫଳାହେବା, କିମ୍ବା ଚମଡ଼ା ଉଠିବା ପୁଣି ୨ ବାଘି ପଡ଼ିବା, ଦେହରେ ବଥ ବା ବ୍ରଣ ବାହାରିବା ଶରୀର ଫିକାଶିଆ ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ଯାବତୀୟ ପୀଡ଼ା, ଉପସର୍ଗାଦି ଆରୋଗ୍ୟ ପକ୍ଷରେ ଅମୋଘ ।

୩ । ସଦ୍ୟକାଶ, ଦମାକାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତଦର୍ଶିବା ପତନ, ମୁଖରୁ ଓ ନାସିକାରୁ ରକ୍ତପତନ, ଛାତିରେ ବେଦନା, ଜ୍ୱର ହେବାର, ସ୍ୱରଭଙ୍ଗ, ବେଳକାଳ ପ୍ରଦାହ, ଅନାଇବରେ ଘଷୁଡ, ଓ ବକ୍ଷାଦ, ଗଣ୍ଡ ଜଳବା, ଓ ହୃତ୍କମ୍ପ, ସହଜ ଓ ସାମାନ୍ୟ ଅସ୍ତ୍ରାରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସ୍ ୨ର କାର୍ଯ୍ୟ କରଣଶକ୍ତିର ଅଭାବ; ଇତ୍ୟାଦି ହୃତ୍ପିଣ୍ଡ ବା ଫୁସ୍ ୨ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡ଼ା ସମସ୍ତ ନିମନ୍ତେ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ ହେମୋଟୀ ଭେଜ୍ଜଲର ଶ୍ରେଷ୍ଠ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ନିମନ୍ତେ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ସେହି ସକଳ ରୋଗରେ କିମ୍ବା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇଥାଅ ତେବେ ଏହି ମହୌଷଧ, ସେବନ କରି ଜୀବନ ରକ୍ଷା କର, ସହଜେ, ସୁଲଭରେ, ସ୍ୱଚ୍ଛନ୍ଦରେ ସ୍ଥାୟୀ ଆରୋଗ୍ୟ ଲାଭ କରି ସ୍ୱର୍ଗଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବିଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ, କୋଷ୍ଠ ପରିଷ୍କାର ହେବ ।

ସ୍ପାରମାଟିନ—ଶରୀର ଯନ୍ତ୍ରର କ୍ଷୟିତ ଅଂଶ ଓ ଅଭାବ ଶୀଘ୍ର ପୂରଣ କରିବାକୁ ସ୍ୱାସ୍ଥ୍ୟୋନ୍ନତି ଓ ତାହା ଅକ୍ଷୁର୍ଣ୍ଣ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ସାଲସା, କଡ଼ଲିଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଅଇ, ସେହି ସକଳ ପୀଡ଼ାରେ ସ୍ପାରମାଟିନ ଥରେ ମାତ୍ର ବ୍ୟବହାର କରିବାଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଥାଏ । ସୁତରାଂ ଏହା ଯେ ପ୍ରଚଳିତ ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ, ସେଥିରେ ଅଣୁମାତ୍ର ସନ୍ଦେହ କରିବାର ଅବସର ନାହିଁ ।

ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧ ୧ ଏକ ଟଙ୍କା । ଡଜନ ଟ ୧୦ ୧ ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ଟ ୦ ୵୰ ଦୁଇ ଶିଶିରେ ଟ ୦ ୵୰ ଓ ୬ ଶିଶିରେ ଟ ୧ ଓ ଡଜନ ଟ ୧୮

ପ୍ରାପ୍ତିସ୍ଥାନ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା ।

*Manager*
Spermatine Depot
No. 22 Baranasi
Ghose's street
Calcutta.

ମାନେଜର
ସ୍ପାରମାଟିନ ଡିପୋ
ନଂ ୨୨ ବାରାଣସୀ
ଘୋଷ ଷ୍ଟ୍ରିଟ
କଲିକତା

☞ ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

REGISTERED No. C. 81.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.

ଖଣ୍ଡ ୩୭ ଭାଗ | ସଂଖ୍ୟା ୨୨

CUTTACK, SATURDAY THE 31st MAY 1902.

ତା ୧୮ ଇ ଜ୍ୟେଷ୍ଠ । ସନ ୧୩୦୯ ସାଲ ଶନିବାର

ଅଗ୍ରୀମ ଟ ୩୧
ପଶ୍ଚାଦେୟ ଟ ୬୧

## ବିଜ୍ଞାପନ।

### ନୂତନପଞ୍ଜିକା।

ସତାବ୍ଦା ୧୮୨୪ ସନ ୧୩୦୯ ଓ ୧୩୧୦ ଇଂରାଜୀ ସନ ୧୯୦୨ ଓ ୧୯୦୩ ପୂର୍ବପର ବର୍ଷର ଶ୍ରୀଯୁକ୍ତଜ୍ୟୋତିଷମାନଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି।

ବଡ଼ ୫୦।

ଛୋଟ ୫୦୧୬

ଡାକଖର୍ଚ୍ଚ ଜଣକୁ ଡାକମାସୁଲ ୫୦/

ଯେଉଁମାନଙ୍କର ରେଲ ଦ୍ୱାରା ଷ୍ଟିମାରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ

---

## ବିଜ୍ଞାପନ।

ସହର କଟକ ବାଲୁବଜାରରେ ଗୋପୀନାଥ ଗୁପ୍ତ ନାମା ସୁଧୀର କବିରାଜ ଅବସ୍ଥିତ କରୁଅଛନ୍ତି। ଚିକିତ୍ସା ବିଷୟରେ ତାଙ୍କର ବିଶେଷ ଖ୍ୟାତି ଅଛି। ସେ ଅର୍ଶ, ଶୂଳ, ଶ୍ୱାସ, କାଶ, ଜ୍ୱର, ମୂର୍ଚ୍ଛା, ଧ୍ୱଜଭଙ୍ଗ, କୁଷ୍ଠ, ବହୁମୂତ୍ର ପ୍ରଭୃତି ପ୍ରମେହ ଜ୍ୱର ଓ ଶୁକ୍ର ଦୋଷ ବ୍ୟାଧିଗ୍ରସ୍ତ ରୋଗୀମାନଙ୍କୁ ଔଷଧ ଦେଇ ଆରୋଗ୍ୟ କରାଇ ପାରନ୍ତି।

## WANTED

– a graduate or a failed B. A, strong in English and Mathematics, and having some experience of school work for the post of the 3rd Master of the Khurda High School on a Salary of Rs. 27 P. M. None need apply who will not agree to give a guarantee that he will stick to the post for 2 years.

Applications with testimonials must reach the undersigned on or before the 25th June next.

Khurda
The 1st May
1902

Sd. J. E. F. PEREIRA
Secretary

---

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*

---

## ବିଜ୍ଞାପନ।

### ବନାରସୀ ମାଲ।

ବନାରସ ନଗରସ୍ଥ ଅମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଖରିଦ କରାଯାଇ ରାଜାମାନଙ୍କର ଜମିଦାରମାନଙ୍କ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ। ବାମଣ୍ଡା, କେନ୍ଦୁଝର, ଢେଙ୍କାନାଳ, ସମ୍ବଲପୁର, ସରାଇକେଲା, ସୋନପୁର, ପାଟଣା, ତାଳଚେର, ମୟୂରଭଞ୍ଜ, ନୀଳଗିରି, ବାମ୍ଭୋଇ, ଅଠଗଡ଼, ନାଗପୁର, ଛୋଟନାଗପୁର, ବିଜୟନଗର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଅମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ।

ଅମ୍ଭର ବାଣିଜ୍ୟ କୋଠିରେ ନକସ୍ତୁ ସଜାଏ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଚୋପି, ଦୋଶଲା, ଟଂଶାପ, ବାସ୍ତା, ପଗଡ଼ୀ, ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର କିଂଖାପ ଜରିତ ପୋଷାକ ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ଦାନ୍ତର ଦ୍ରବ୍ୟ ବରାତ ଅନୁସାରେ ତିଆରି କରିଦେଉଁ। ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ। କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଅମ୍ଭେ ସ୍ୱୟଂ ଯାଇ ପାରୁଁ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ ଦେଇଁ ଠିକଣାରେ ଭି ପି ଉପାୟରେ (ଅର୍ଥାତ୍ ଡାକରେ ବା ରେଲରେ) ପଠାଇ ଦିଆଯିବ। ଲେଖିବା ଆବଶ୍ୟକ। ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ କେବଳ ମାତ୍ର ଲଫାଫାଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଅମ୍ଭର ହସ୍ତଗତ ହେବ।

ରେଲୁୱେବଲ ପାରସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ।

ଶ୍ରୀ ପାଲୁମାଲ ଗୋକୁଳନାଥ
କୁଞ୍ଜଗଳି ଠାଣ୍ଡ ବଜାର କାଶୀ

Digitized by srujanika@gmail.com

## ଉତ୍କଳଦୀପିକା ।

ଭାରତରେ ଦୁର୍ଭିକ୍ଷ ସାହାଯ୍ୟ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ଗତ ତା ୧୨ ରଖରେ ଶେଷ ହେବା ସପ୍ତାହରେ ୪,୪୨,୪୩୯ ଥିଲା । ଗତ କେତେକ ସପ୍ତାହରୁ କ୍ରମାଗତ ବୃଦ୍ଧି ଉପରେ ଅଛି ।

———

ଗତ ଶନିବାର ସ୍ୱର୍ଗୀୟା ଭିକ୍ଟୋରିୟା ସାମ୍ରାଜ୍ଞୀଙ୍କର ଜନ୍ମଦିନ ଉପଲକ୍ଷରେ ସରକାରୀ ଦପ୍ତରମାନ ବନ୍ଦ ହୋଇଥିଲା । କଲିକତାର କେତେକ ପ୍ରଧାନ ଦୋକାନ ଏବଂ ଜାହାଜମାନ ସମ୍ମାନ ସୂଚକ ପତାକା ଉଡାଇଥିଲେ । ଦେଶୀୟ ଏବଂ ଇଉରୋପୀୟ ବହୁସଂଖ୍ୟକ ସ୍ତ୍ରୀପୁରୁଷ ସାମ୍ରାଜ୍ଞୀଙ୍କର ପ୍ରସ୍ତର ନିର୍ମିତ ମୂର୍ତ୍ତି ଦର୍ଶନ କରୁଥିଲେ । ସନ୍ଧ୍ୟାରେ ସେ ସ୍ଥାନ ଦୀପମାଳାରେ ରଞ୍ଜିତ ହୋଇଥିଲା ଏବଂ ଦର୍ଶକଙ୍କ ସଂଖ୍ୟା ଯଥେଷ୍ଟ ହୋଇଥିଲା । ପ୍ରତିମା ଦର୍ଶନ ମତର ଶ୍ରଦ୍ଧା ଭକ୍ତି ପ୍ରକାଶର ଗୋଟିଏ ସାଧାରଣ ଉପାୟ ଅଟେ ।

———

ଗତ ତା ୧୨ ରଖରେ ଶେଷ ହେବା ସପ୍ତାହରେ ସମସ୍ତ ଭାରତବର୍ଷରେ ପେଲେଗ ରୋଗରେ ନ ୯,୮୧୫ ଣ ଆକ୍ରାନ୍ତ ଏବଂ ନ ୭୦୦୮ ଣ ହତ ହୋଇଥିଲେ । ବ୍ରହ୍ମ ଓ ମଧ୍ୟପ୍ରଦେଶ ଛଡ଼ା ଭାରତର ସକଳ ପ୍ରଦେଶରେ ଏ ରୋଗ ବର୍ତ୍ତମାନ ଅଛି ମାତ୍ର ପଞ୍ଜାବରେ ସର୍ବାପେକ୍ଷା ଅଧିକ ଅର୍ଥାତ୍ ଆକ୍ରାନ୍ତ ଓ ହତ ସଂଖ୍ୟା ଯଥାକ୍ରମେ ୮,୦୬୨ ଓ ୫,୪୬୫ ଅଟେ । ଯାହା ହେଉ ସର୍ବତ୍ର ରୋଗର ପ୍ରକୋପ ଊଣା ପଡୁଅଛି । ଗଲବାରର ହିସାବ ଅନୁସାରେ ବର୍ତ୍ତମାନ୍ ୩୦ ରୁ ଊଣା ଅଟେ ।

———

ମାନ୍ଦ୍ରାଜ ରେଭେନ୍ୟୁ ବୋର୍ଡ଼ ସେ ପ୍ରଦେଶର ଭୂମି ରାଜସ୍ୱ ଅଦାୟର ସ୍ଥଗିତକରଣ ଉପାୟ ଏବଂ କଷ୍ଟ ସମୟରେ ରାଜସ୍ୱ ଅଦାୟ ସ୍ଥଗିତ ରଖିବା ଅଥବା ଛାଡ଼ିଦେବାର ବିଧି ସମ୍ବନ୍ଧରେ ଆପଣା ଅଧୀନସ୍ଥ କେତେକ ଜଣ କଲେକ୍ଟରଙ୍କର ଅଭିମତ ପଚାରିଅଛନ୍ତି । ଏ ସମସ୍ତ ବିଷୟରେ ଶେଷ ଦୁର୍ଭିକ୍ଷ କମିଶନରମାନେ ଯେଉଁ ପ୍ରସ୍ତାବମାନ କରିଅଛନ୍ତି ଯେବେ କଲେକ୍ଟରମାନେ ତାହା ବହୁଳରୂପେ ଆଲୋଚନା କରି ସ୍ୱ ସ୍ୱ ଅଧିକାରସ୍ଥ ଭୂଖଣ୍ଡର ଅବସ୍ଥା ସହିତ ମିଶାଇ ଦେଖିଲେ ଯେବେ ଯେଉଁ ଉପାୟ ଅବଲମ୍ବନ କରିବା ଉଚିତ ତାହା ଅନାୟାସରେ ନିର୍ଣ୍ଣୟ କରି ପାରିବେ ଏବଂ ତଦନୁସାରେ ଉତ୍ତର ଦେଲେ ତହିଁର ଫଳ ଅବଶ୍ୟ ମଙ୍ଗଳକର ହେବ। ଫସଲ ନଷ୍ଟ ସମୟରେ ଖଜଣା ଅଦାୟ ବନ୍ଦ କରିବା ଏବଂ ଛାଡ଼ି ଦେବା ନିତାନ୍ତ ପ୍ରୟୋଜନ । ତାହା ନ ହେବାରୁ ପ୍ରଜାଙ୍କର ଦରିଦ୍ରତା ଏବଂ ଋଣଦାୟ ବଢ଼ୁଅଛି ।

———

ନେପାଳରାଜ୍ୟର ରାଜା ଏତାବତ୍ ପର୍ଯ୍ୟନ୍ତ ନାବାଳଗ ଥିଲେ । ଗତତ ମାସ ତା ୧୨ ରଖରେ ସେ ନାବାଳଗିରୁ ଉତ୍ତୀର୍ଣ୍ଣ ହୋଇ ସିଂହାସନାରୋହଣ କରିଅଛନ୍ତି । ଏତଦୁପଲକ୍ଷେ ନେପାଳଠାରେ ରାଜାଙ୍କର ଯାତ ବାହାରରେ ସମସ୍ତ ଅତ ନାନା ପ୍ରକାର ଆଡ଼ମ୍ବର ଓ ଶୋଭ କୌତୁକ ହୋଇଥିଲା । ରାଜା ଆଡ଼ମ୍ବରରେ ଯାଉଥିବା ସମୟରେ ଜଣେ ପାଗଳ ଅଥବା ବଦମାସ ରାଜାଙ୍କର ବାଳକା ଭଗିନୀଙ୍କୁ ବବାଦ ହେବାର ଦାବି କଲା ଏବଂ ତତ୍କ୍ଷଣାତ୍ ତାକୁ ଧରି ମାରଦା କରିବାରୁ ତାହାଠାରେ ରାଜଭଗିନୀ ସହିତ ପ୍ରେମୋଦ୍ଦୀପକ ପତ୍ର ବାହାରିଲା । ଏତଦୁପଲକ୍ଷେ ରାଜଦ୍ରୋହ ବର୍ଗ ଷଡ଼ଯନ୍ତ୍ର କରିବାରୁ ଶାନ୍ତ ନ ଥିଲେ ଏବଂ ଏମାନଙ୍କ ମଧ୍ୟରୁ ନ ୬ ଣ ଧରା ହୋଇଅଛନ୍ତି ଯେ ସେମାନଙ୍କ ମଧ୍ୟରୁ ଜଣେ ଲୋକ ଆଉ ଜଣକୁ ଦନାମାଇଟ ଇତ୍ୟାଦ ରାଜା ଆଡ଼ମ୍ବରରେ ଯାଉଥିବା ସମୟରେ ତାଙ୍କ ବଗିକୁ ପକାଇବା କାରଣ ଦେଇଥିବାର ସ୍ୱୀକାର କରେ ।

———

ମୁଙ୍ଗେରର ମାଜିଷ୍ଟ୍ରେଟ ଢ, ଏଲନ୍ ସାହେବଙ୍କର ମୃତ୍ୟୁ ସମ୍ବାଦ ଶୁଣି ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇଅଛୁଁ । ଅଳ୍ପଦିନ ପୂର୍ବେ ସେ ମୁରଶିଦାବାଦ ଜିଲାର ମାଜିଷ୍ଟ୍ରେଟ ଥିଲେ ଏବଂ ତାହାଙ୍କର ସୁଚରିତ୍ର, ଦୟା ଶାନ୍ତସ୍ୱଭାବ ଏବଂ ସଦାଳାପରେ ସେଠା ଲୋକେ ତାହାଙ୍କଠାରେ ଏମନ୍ତ ପ୍ରୀତ ହୋଇଥିଲେ ଯେ ତାହାଙ୍କର ବଦଳି କାଳରେ ପ୍ରକାଶ୍ୟ ସଭାରେ ତାହାଙ୍କୁ ଯଥୋଚିତ ସମ୍ମାନ କରିବାଦ୍ୱାରା ଆନ୍ତରିକ ସ୍ନେହ ଭକ୍ତି ଓ କୃତଜ୍ଞତା ପ୍ରକାଶ କରିଥିଲେ । ମୁଙ୍ଗେର ଜିଲାର ଭାଗ୍ୟ ମନ୍ଦ ଯେ ଅଧିକଦିନ ତାହାଙ୍କର ସୁଶାସନ ଭୋଗ କରି ପାରିଲେ ନାହିଁ । ମୃତ୍ୟୁର ପୂର୍ବଦିନ ସେ କିଛି ଶାରୀରିକ ଦୁଃଖ ବୋଧ କରୁ ନ ଥିଲେ ବରଂ ସନ୍ଧ୍ୟାରେ ଏକ ବନ୍ଧୁର ଘରଠାରେ ଆନନ୍ଦରେ ଭୋଜନ କରି ଆସି ଆପଣା କୋଠରେ ଶୋଇଥିଲେ । ପରଦିନ ସକାଳେ କୋଷଲଖାନାରେ କେହି କବାଟ ପଡିବାର ଶବ୍ଦ ଶୁଣି ସରଦାର କେବେଳେ ଯାଇ ସାହେବ ଅଜ୍ଞାନାବସ୍ଥାରେ ପଡିଥିବାର ଦେଖି ଡାକ୍ତର ପଠାଇଲା । ଶୀଘ୍ର ସିଭିଲସର୍ଜନ ଆସି ଦେଖିଲେ ଯେ ପ୍ରାଣବାୟୁ ବାହାରି ଯାଇଅଛି ଏବଂ ହୃଦ୍‌ରୋଗ ତହିଁର କାରଣ ବୋଲି ସ୍ଥିର କଲେ । ଈଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ ବିଧାନ କରନ୍ତୁ ।

———

ଜୟପୁରର ମହାରାଜା ଇତାନ୍ତ ବିଲାତ ଯିବାକୁ ସ୍ଥିର କରି ଯାତ୍ରା କରୁଅଛନ୍ତି ଏବଂ ତହିଁରେ ତାହାଙ୍କର ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟ ହେବାର ସ୍ଥିର ହୋଇଅଛି । ଯାହା ହେଉ ବିଲାତ ଦରବାରର ସରକାରୀ ବ୍ୟୟ ସଙ୍ଗେ ସମ୍ପର୍କ ଅଟେ । ସେ ଗୋଟିଏ ପୃଥକ ଜାହାଜ ଭଡ଼ା କରି ଆପଣାର ଇଷ୍ଟ ଦେବ ଗୁରୁ ପୁରୋହିତ ଏବଂ ମାସ ୪ ର ସହାଶେ ଗଙ୍ଗା ଜଳ ମାଟି ଓ ଯାବତୀୟ ନିତ୍ୟ ପ୍ରୟୋଜନୀୟ ଦ୍ରବ୍ୟ ସଙ୍ଗେ ନେଇ ଯାଉଅଛନ୍ତି । ବିଦେଶୀୟ ବାୟୁ ଛଡ଼ା ପ୍ରାୟ ଅନ୍ୟ କୌଣସି ପଦାର୍ଥ ତାହାଙ୍କ ଶରୀରରେ ଲାଗିବ ନାହିଁ । ସେ ବମ୍ବେଇଠାରୁ ଜାହାଜରେ ଯାତ୍ରା କଲା ବେଳେ ସମୁଦ୍ର ଦେବତାଙ୍କୁ ସୁପ୍ରସନ୍ନ କରିବା କାରଣ ପୁଷ୍ପ ନୈବେଦ୍ୟାଦିଦ୍ୱାରା ବମ୍ବେର ଘାଟରେ ପୂଜା କରିଥିଲେ ଏବଂ ଅନେକ ଟଙ୍କା ସମୁଦ୍ରକୁ ଉପହାର ଦେଇଥିଲେ । 'ସମୁଦ୍ର ଯାତ୍ରାରେ ଦୋଷ ନାହିଁ ' ଏହି ମତର ପ୍ରତିପୋଷକ ହିନ୍ଦୁ ଭାଷାରେ ମୁଦ୍ରିତ ଏବଂ ଉତ୍ତମ ବନ୍ଧାଣ ହୋଇଥିବା ଖଣ୍ଡ ପୁସ୍ତକ ସେହି ସମୟରେ ବିତରଣ କରିଥିଲେ । ଅନ୍ୟ କେହି ରାଜା ଏପରି କହୋବସ୍ତରେ ବିଲାତ ଯାଇ ନାହାନ୍ତି । ଅନ୍ୟ ରାଜା ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ସାଧାରଣ ଡାକ ଜାହାଜରେ ଭଡ଼ା ଦେଇଥାନ୍ତି । ଏତେ ବ୍ୟୟ କରିବାକୁ କେତେ ଲୋକ ସମର୍ଥ ?

———

ସମ୍ବଲପୁର ହିତୈଷିଣୀରୁ ଅବଗତ ହେଲୁଁ ଯେ ଗତ ତା ୯ ରଖ ଶୁକ୍ରବାର ବାମଣ୍ଡାର ସ୍ୱପ୍ରେମ ରାଜକୁମାରୀଙ୍କ ସହିତ ବଣାଇ ରାଜକୁମାରଙ୍କର ଶୁଭ ପରିଣୟ କାର୍ଯ୍ୟ ନିର୍ବିଘ୍ନରେ ସୁସମ୍ପନ୍ନ ହେଲା । ଏ ଉପଲକ୍ଷରେ ବାମଣ୍ଡାଠାରେ ପ୍ରାୟ ଦୁଇସହସ୍ର ଲୋକ ସମବେତ ହୋଇଥିଲେ ଏବଂ ଅନ୍ୟାନ୍ୟ ରାଜକୁମାରମାନଙ୍କର ମଙ୍ଗଳକୃତ୍ୟ ସମୟରେ ଯେପରି ସମାରୋହ ସହିତ ରୋଷନାଇ, ମଜଲିସ, ଅନ୍ନବସ୍ତ୍ର ବିତରଣ ଇତ୍ୟାଦି ପ୍ରଭୃତିଙ୍କର ସମ୍ପନ୍ନ ହୋଇଥାଏ ଏଥିର ତହିଁର କିଛି ତ୍ରୁଟି ରହିନ ଥିଲା । ନୂତନ ମଧ୍ୟରେ ଏକସପ୍ତ ମାତ୍ରା ଶବଶ୍ରୀସାହା ଏବଂ ତହିଁର ଅଭିନୟରେ ନାଟ୍ୟକାବେଶ ନାଟକର ଅଭିନୟ ହୋଇଥିଲା । ଦେବଗଡର କେତେକଣ ଅଳ୍ପ ବୟସ୍କ ଯୁବା ଅଳ୍ପକାଳ ମଧ୍ୟରେ ପ୍ରସ୍ତୁତ ହୋଇ ଶେଷ ଶିକ୍ଷିତ ଅଭିନୟ ଦେଖାଇବାରେ ଉତ୍ତମ ରୂପେ କୃତକାର୍ଯ୍ୟ ହୋଇଥିଲେ । ବଜାହୋଷ ବଳେ ଅଭ୍ୟାଗତ ସଙ୍ଗୀତମଧ୍ୟରେ ଷଡ୍‌ଜନ

Split by PDF Splitter
Digitized by srujanika@gmail.com

କଲର ନାଟ୍ୟକାଭିନୟର ଏହା ପ୍ରଥମ ସଂଯୋଗ ବୋଲି ଅମ୍ଭେମାନେ ଅନୁମାନ କରୁଁ ଏବଂ ଆଶା କରୁଁ ଏ ଚର୍ଚ୍ଚା କ୍ରମେ ବୃଦ୍ଧି ହେବ । କନେଇ ରଜା ବାମଣ୍ଡାରେ ଦ ୭ ଦିନ ରହି ଯଥାବିଧିରେ ସ୍ୱଦେଶ ଅଭିମୁଖେ ଯାତ୍ରା କଲେ । ପରମେଶ୍ୱର ନବଦମ୍ପତିଙ୍କର ଆୟୁଃ ଓ ମଙ୍ଗଳବର୍ଦ୍ଧନ ସୁଖ ବିଧାନ କରନ୍ତୁ ।

---

ଓଡ଼ିଶାର ଗତ ବନ୍ଦୋବସ୍ତ ସମ୍ବନ୍ଧୀୟ ଶ୍ରୀଯୁକ୍ତ ମାଡକ୍ସ ସାହେବଙ୍କ ଲିଖିତ ରିପୋର୍ଟ ବା ବିବରଣ ୧ମ ଓ ୨ୟ ଭାଗ ନାମକ ବୃହତ ଦୁଇଖଣ୍ଡ ପୁସ୍ତକ ଗବର୍ଣ୍ଣମେଣ୍ଟରୁ ଉପହାର ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଏହି ପୁସ୍ତକ ପ୍ରାପ୍ତି ନିମନ୍ତେ ଅମ୍ଭେମାନେ ଓଡ଼ିଶାର ବର୍ତ୍ତମାନ କମିଶନର ଶ୍ରୀଯୁକ୍ତ କେ, ଜି, ଗୁପ୍ତଙ୍କଦ୍ୱାରା ପ୍ରାର୍ଥନା କରିଥିଲୁଁ । ସାହେବ ମହୋଦୟଙ୍କର ଅନୁରୋଧପତ୍ରର ପ୍ରତିଲିପି ନିମ୍ନେ ପ୍ରକାଶ କଲୁଁ । ଏଥିରେ ସାହେବ ମହୋଦୟ ନିଜ ଉଦାରଗୁଣରେ ଏ ପତ୍ରିକା କ୍ଷୁଦ୍ର କାର୍ଯ୍ୟକୁ ସୁପ୍ରଶଂସା ଭାବରେ ଗ୍ରହଣ କରିଥିବାରୁ ତାହାଙ୍କଠାରେ ଅତ୍ୟନ୍ତ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରୁଅଛୁଁ ।

No. 109 O. S. From K. G. Gupta, Esquire, I. C. S. Commissioner of the Orissa Division. To The Director of the Department of Land Records & Agriculture Bengal. Dated Cuttack the 17th April 1902.

Sir,

In forwarding herewith a copy of a letter from the Editor of the Utkal-Dipika newspaper asking for the supply of a copy of the Orissa Settlement Report, I have the honour to support his request as the paper he represents is the leading vernacular weekly paper in this Province where it commends considerable respect on account of the general moderation of its views. The supply of the report asked for will put the editor in possession of correct facts and statistics about the settlement and will thus tend to the formation of an well-informed public opinion through the medium of the paper. I therefore request that a presentation copy be sent to the Editor Babu Gouri Sanker Ray.

I have &c.
Sd, K. G. Gupta.
Commissioner.

---

ଜଣେ ମାଜିଷ୍ଟ୍ରେଟର ଅନ୍ୟାୟ କାର୍ଯ୍ୟ ।

ଜଲପାଇଗୁଡ଼ିର ଜଏଣ୍ଟମାଜିଷ୍ଟ୍ରେଟ ଭର୍ଣ୍ଣାଡ ସାହେବ ଇଚ୍ଛାପୂର୍ବକ ଆପଣା ଅର୍ଦ୍ଦଳିଦ୍ୱାରା ଜଣେ ସାକ୍ଷୀର କାନ ମୋଡ଼ାଇବା ଅପରାଧରେ ଫଉଜଦାରୀ ବିଚାରରେ ଦଣ୍ଡ ପାଇଥିବାର ଏଥି ପୂର୍ବେ ପ୍ରକାଶ କରିଥିଲୁଁ । ସେହି କାରଣରୁ ମାନ୍ୟବର ବଙ୍ଗେଶ୍ୱର ଭର୍ଣ୍ଣାଡ ସାହେବଙ୍କୁ ଦୃଷ୍ଟି ଗମନ କଲେ ଏବଂ ଏତଦର୍ଥ ନିମନ୍ତେ ଅଶିଷ୍ଟାଣ୍ଟ ମାଜିଷ୍ଟ୍ରେଟ ପଦକୁ ଅବନତ କରିଦେଇଥିଲେ । ଏଥି ମଧ୍ୟରେ ତାହାଙ୍କର ଆଉ ଗୋଟିଏ କୀର୍ତ୍ତି ବାହାର ପଡ଼ିଅଛି । ମୂଲଚନ୍ଦ ନାମର ଏକବ୍ୟକ୍ତି ୯ ଜଣ ଲୋକ ନାମରେ ଗତ ଜାନୁଆରୀ ମାସ ତା ୧୬ ଦିନରେ କ୍ଷେତ୍ର ଲୁଟାଦି ଅଭିଯୋଗରେ ନାଲିସ କଲା । ଭର୍ଣ୍ଣାଡ ସାହେବ ପୁଲିସ ତଦାରଖ ନିମନ୍ତେ ପଠାଇବାରେ ପୁଲିସ ନାଲିସ ମିଥ୍ୟା ଥିବାର ରିପୋର୍ଟ ଦେଲେ । ତହିଁର ବିଚାର ନିମନ୍ତେ ସାହେବ ମହୋଦୟ ଫେବୃଆରି ତା ୧୨ ଦିନ ଧାର୍ଯ୍ୟ କଲେ । ମୂଲଚନ୍ଦ ସେ ଦିନ କଚେରୀରେ ଉପସ୍ଥିତ ଥିଲା । ମାତ୍ର ଡାକିବାବେଳେ ସେ ପଦାକୁ ଯାଇଥିବାରୁ ସେ ହାଜର ନାହିଁ ବୋଲି ସାହେବ ମନେକରି ତାହା ନାମରେ ଧା ୨୧୧ ସ୍ତର ମୋକଦ୍ଦମା ଚଳାଇବାର ଆଦେଶ ଦେଲେ । ଅଳ୍ପକ୍ଷଣରେ ସେ ଫେରିଆସି ତାହାର ନାଲିସ ଶୁଣାଯିବା ଏବଂ ଧା ୨୧୧ ସ୍ତ ସମ୍ବନ୍ଧୀୟ ଆଦେଶ ରହିତ ହେବା ବିଷୟରେ ଦରଖାସ୍ତ ଦେବାରେ ଜବର୍ଦ୍ଦସ୍ତ ସାହେବ ତହିଁ ପିଠିରେ ନାମଞ୍ଜୁର ହୁକୁମ ଲେଖିଦେଲେ । ମୂଲଚନ୍ଦ ତା ୧୭ ଦିନ ଫେବୃଆରୀରେ ତହିଁର ନକଲ ନେଇ ତା ୨୦ ଦିନରେ ହାଇକୋର୍ଟରେ ମୋସନ କରି ଦେଖାଇଲା ଯେ ମୂଳ ମୋକଦ୍ଦମାର ଶେଷ ନିଷ୍ପତ୍ତି ନ କରି ଧା ୨୧୧ ର ଚଳାଇବାର ଆଦେଶ ଅନ୍ୟାୟ ହୋଇଅଛି । ହାଇକୋର୍ଟ ରୁଲ ଜାରି କଲେ । ସେତେବେଳେ ଭର୍ଣ୍ଣାଡ ସାହେବଙ୍କର ଜ୍ଞାନ ଉଦୟ ହେଲା ଏବଂ ସେ ମୂଳ ମୋକଦ୍ଦମାର ଅର୍ଡ଼ରସିଟରେ ଡିସମିସ ହେବାର ହୁକୁମ ଲେଖିଦେଲେ । ପଛେ ଏପରି ହୁକୁମ ଲେଖିବା ଆଇନ ବିରୁଦ୍ଧ ଅଟେ ଏବଂ ହାଇକୋର୍ଟର ବିଚାରପତିମାନେ ଏହି ଆଇନବହିର୍ଭୂତ କାର୍ଯ୍ୟର ଯଥୋଚିତ ନିନ୍ଦା କରିଅଛନ୍ତି । ନଥିର ଲେଖା ଫେରଫାର କରିବା ସାମାନ୍ୟ କଥା ନୁହେ । ସାମାନ୍ୟ ମୂର୍ଖ ଅମଲା ଜଣେ ସେପରି କଲେ କାର୍ଯ୍ୟ ହରାଇଥାନ୍ତା । ଉଚ୍ଚପଦସ୍ଥ ମାଜିଷ୍ଟ୍ରେଟଙ୍କ ପକ୍ଷରେ ଏହା ଅତ୍ୟନ୍ତ ଗୁରୁତର ଦୋଷ । ଅକାରଣରେ ଏକ ବ୍ୟକ୍ତିକୁ ଫଉଜଦାରୀକୁ ପଠାଇବା ଏବଂ ସ୍ୱତ୍ୱରକ୍ଷାରେ ବାଧା ନିମନ୍ତେ ନଥିର ଲେଖା ସଜାଡ଼ିବ, ନ୍ୟାୟ ବିଚାରପତିର କାର୍ଯ୍ୟ ନୁହେ । ଗବର୍ଣ୍ଣମେଣ୍ଟ ଏଥିର କି ବିଚାର କରିବେ ଦେଖାଯିବ ।

---

ଗୁଣର ସମ୍ମାନ ।

ଯେ କେହି ଭାରତବାସୀ, ସରକାରଙ୍କ ଚାକର ହେଉ ବା ନ ହେଉ, ଜନସାଧାରଣର ହିତ ବା ରକ୍ଷା କାର୍ଯ୍ୟରେ ବିଶେଷ ସାହସ ଦେଖାଇଲେ ତାହାର ସେହି ଗୁଣ ଚିହ୍ନିତ କରିବା ଓ ତହିଁର ପୁରସ୍କାର ଦେବା କାରଣ ସମ୍ପ୍ରତି ମହାମାନ୍ୟ ଗବର୍ଣ୍ଣର ଜେନେରଲ ଗୋଟିଏ ନୂତନ ସମ୍ମାନ ଚିହ୍ନର ସୃଷ୍ଟି କରିଅଛନ୍ତି ଏବଂ ତହିଁର ବିସ୍ତାରିତ ନିୟମାବଳୀ ସର୍ବସାଧାରଣଙ୍କର ଜାଣିବା କାରଣ ସରକାରୀ ଗେଜେଟରେ ପ୍ରକାଶ କରିଅଛନ୍ତି । ଏହି ସମ୍ମାନ ଚିହ୍ନର ନାମ "ଅର୍ଡ଼ର ଅଫ ମେରିଟ" (ଗୁଣର ପଦ) ଦିଆଯାଇଅଛି ଏବଂ ତହିଁର ତିନି ଶ୍ରେଣୀ ହୋଇଅଛି । ପ୍ରଥମ ଶ୍ରେଣୀର ଚିହ୍ନ ସୁବର୍ଣ୍ଣପଦକ, ୨ୟ ଶ୍ରେଣୀର ଚିହ୍ନ ରୌପ୍ୟ ପଦକରେ ସୁବର୍ଣ୍ଣର ଚିହ୍ନ ପଦକ ଏବଂ ୩ୟ ଶ୍ରେଣୀର ଚିହ୍ନ କେବଳ ରୌପ୍ୟ ପଦକ ଏହି ପଦକମାନ ଗଳାର ବାମ ପାଶରେ ଝୁଲାଇବାକୁ ହେବ । ଯେ କେହି ଲୋକ କୌଣସି ବିଖ୍ୟାତ ସାହସ ଦେଖାଇବ ସେ ୩ୟ ଶ୍ରେଣୀର ପଦକ ପାଇବ । କେବଳ ୩ୟ ଶ୍ରେଣୀର ଲୋକ ୨ୟ ଶ୍ରେଣୀରେ ଏବଂ ୨ୟ ଶ୍ରେଣୀର ଲୋକ ପ୍ରଥମ ଶ୍ରେଣୀରେ ଭରତି ହୋଇପାରିବେ । ଏକ ଶ୍ରେଣୀରୁ ଅନ୍ୟ ଶ୍ରେଣୀକୁ ଉନ୍ନତ ପାଇଲେ ନିମ୍ନ ଶ୍ରେଣୀର ପଦକ ଫେରି ଦେବାକୁ ହେବ । ପଦକ ପ୍ରାପ୍ତ ବ୍ୟକ୍ତି ମରିଗଲେ ତାହାର ପଦକ ତାହାଘରେ ରହିବ । ପଦକ ପ୍ରାପ୍ତ ସରକାରୀ ଚାକର ବରଖାସ୍ତ ଅଥବା ଫଉଜଦାରୀ ଦଣ୍ଡ ପାଇଲେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ତାହାର ନାମଲେଖା କାଟିଦେଇ ପଦକ ଫେରି ନେବେ ବା ନ ନେବେ । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଛଡ଼ା ଆଉ କେହି ଏ ପଦକ ଦେଇପାରିବେ ନାହିଁ । ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ କେବଳ ସୁପାରିଶ କରିପାରିବେ ଏବଂ ଗୁଣର ବିସ୍ତାରିତ ବିବରଣ ଲେଖି ପଠାଇବେ । ଯେବେ ପଦକ ପାଇବା ଯୋଗ୍ୟ କେହି ବ୍ୟକ୍ତି ପଦକ ପାଇବା ପୂର୍ବରୁ ମରିଯିବ ତେବେ ଜଣା ହାକମମାନେ ତତ୍‌କ୍ଷଣାତ୍ ସେ ବିଷୟ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ଗୋଚରାର୍ଥେ ରିପୋର୍ଟ କରିବେ । ସାଧାରଣତଃ ପଦକ ସଙ୍ଗେ କିଛି ନଗଦ ପୁରସ୍କାର ଦିଆଯିବ ନାହିଁ । ମାତ୍ର ବିଶେଷ ଅବସ୍ଥାରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ପଦକ ଉପରେ ନଗଦ ପୁରସ୍କାର ଦେବାର ଅଧିକାର ନିଜ ହାତରେ ରଖିଅଛନ୍ତି ।

ବୋଲିବା ବାହୁଲ୍ୟ ଯେ ଏ ନିୟମଗୁଡ଼ିକ ଭଲ ହୋଇଅଛି ଏବଂ ଏପ୍ରକାର ଗୁଣର ଆଦରଦ୍ୱାରା ଲୋକମାନେ ସାହସ ଦେଖାଇବାକୁ ଉତ୍ସାହିତ ହେବେ । ଏ ସାହସ ସୈନିକ କାର୍ଯ୍ୟ ଘଟିତ ନୁହେ । ତହିଁର ବନ୍ଦୋବସ୍ତ ପୃଥକ୍ ଅଛି । ଏହି ବ୍ୟାପାରରେ ପ୍ରଜାସମ୍ବନ୍ଧୀୟ ସାହସର ଉତ୍ସାହ ଏବଂ ପୁରସ୍କାର ନିମନ୍ତେ ହୋଇଅଛି ।

Split by PDF Splitter
Digitized by srujanika@gmail.com

Split by PDF Splitter



ଯେମନ୍ତ କି ଗଡ଼ପୋଡ଼ ବେଳେ ନର୍ଯ୍ୟମଧ୍ୟରେ ପଡ଼ି ପୋଡ଼ିଯିବା ନମ୍ବା ଜଳରେ ବୁଡ଼ିଯିବା ବ୍ୟକ୍ତିଙ୍କୁ ଉଦ୍ଧାର କରିବା, ଡକାଏତମାନଙ୍କ ହାତରେ ପଡ଼ି କ୍ଷେଦାଉଦେବା ବା ଡାକାଇତଙ୍କୁ ଧରିବା ଇତ୍ୟାଦି ।

---

ବାଳ ଶିକ୍ଷାର ନୂତନ ପ୍ରଣାଳୀ ।

କଲିକତାର ସମ୍ବାଦପତ୍ରମାନଙ୍କରେ ପାଠ କଲୁଁ କି ମୟୂରଭଞ୍ଜର ରାଜକୁମାରୀ ଘୋଷାଲଙ୍କର ହିନ୍ଦୁ ବିଦ୍ୟାଳୟର ସାହାଯ୍ୟାର୍ଥେ ଦଶ ହଜାର ଟଙ୍କା ଦାନ କରିଅଛନ୍ତି । ହିନ୍ଦୁ ବାଳିକାମାନଙ୍କ ଶିକ୍ଷା ନିମନ୍ତେ କୁମାରୀ ସରଲା ଦେବୀ ମହୋଦୟା ଗୋଟିଏ ନୂତନ ଶିକ୍ଷା ପ୍ରଣାଳୀ କଳ୍ପନା କରି ତହିଁର ବିସ୍ତାରିତ ବିବରଣ ଏକ ପୁସ୍ତିକାକାରରେ ପ୍ରକାଶ କରିଅଛନ୍ତି ଏବଂ କେତେ ଜଣ ବିଦ୍ୱାନ୍ ବନ୍ଧୁମାନଙ୍କ ସହିତ ବିଚାରପୂର୍ବକ ତାହା ଅବଧାରିତ ହୋଇଅଛି । ସେହି ପ୍ରଣାଳୀ ଅନୁସାରେ ବାଳିକାମାନେ ୭ ମ ବର୍ଷ ବୟସ ଆରମ୍ଭରେ ଶିକ୍ଷା ଆରମ୍ଭ କରି ୧୬ ଶ ବୟସରେ ଶେଷ କରିବେ । ପ୍ରଥମ ବର୍ଷରେ ବଙ୍ଗଳା ଅକ୍ଷର ଅଙ୍କ, ସଙ୍ଗୀତ ଓ ଚିତ୍ର ଆରମ୍ଭ କରି ଦ୍ୱିତୀୟ ବର୍ଷରେ ତହିଁ ସଙ୍ଗେ ଉଦ୍ଭିଦ ଜୀବ ଦେହ ବିଷୟ, ଛିଣ୍ଡ କହିବା ଓ ବୁଣିବା ଓ ଚିତ୍ରକ ଶିକ୍ଷା କରିବେ । ୪ର୍ଥ ବର୍ଷରେ ବ୍ୟାକରଣ, ଭୂଗୋଳ, ଇତିହାସ, ପୁରାଣ, ହିତପାଠ, ଚିତ୍ର, ଜଗମ୍ମା, ସିଲାଇ, ରନ୍ଧନ ଏବଂ ସ୍ୱାସ୍ଥ୍ୟବିଧାନ ଯୋଗ ହେବ । ପଞ୍ଚମ ବର୍ଷରେ ଇଂରାଜୀ ଏବଂ ଷଷ୍ଠ ବର୍ଷରେ ସଂସ୍କୃତ ଶିକ୍ଷା ଯୋଗ ହେବ ଏବଂ ସପ୍ତମ ବର୍ଷରେ ଇଂରାଜୀ ଭାଷା ପ୍ରତି ଅଧିକ ମନୋଯୋଗ ଦିଆଯିବ ଏବଂ ସାମାନ୍ୟରେ ଚିକିତ୍ସା ମୌଳିକ ଶିକ୍ଷା ସହିତ ସେବା ଓ ଶୁଶ୍ରୂଷା ପରିଚର୍ଯ୍ୟାର ଶିକ୍ଷା ଦିଆଯିବ । କି ୧୬ ଶ ବୟସର ଊର୍ଦ୍ଧ୍ୱ କନ୍ୟାମାନଙ୍କୁ ବର୍ତ୍ତମାନ ସାମାଜିକ ନୀତି ଅନୁସାରେ ବିଦ୍ୟାଳୟରେ ପ୍ରାୟ କେହି ରଖିଦିଅନ୍ତି ନାହିଁ । ଏହି କାରଣରୁ ସେହି ବୟସ ପର୍ଯ୍ୟନ୍ତ ଶିକ୍ଷା ଦେବାର ଉପରଲିଖିତ ବ୍ୟବସ୍ଥା ହୋଇଅଛି ଏବଂ ତହିଁରୁ ଜଣା ଯାଉଅଛି ଯେ ବିଦ୍ୟାଳୟ ଛାଡ଼ିବା ବେଳେ ସେ ବଙ୍ଗଳା ଭାଷା ବ୍ୟାକରଣ ସହିତ ଉତ୍ତମରୂପେ ଏବଂ ସଂସ୍କୃତ ଓ ଇଂରାଜୀ କିଛି ଶିଖିଥିବେ ଯେ ଭବିଷ୍ୟତରେ ପଢ଼ିବାକୁ ଇଚ୍ଛା କଲେ ତହିଁର ବିଲକ୍ଷଣ ସୁବିଧା ହେବ । ଭିନ୍ନ ଭାଷା ଜାଣିବା ଦ୍ୱାରା ବିଦେଶକୁ ଗଲେ କଥାବାର୍ତ୍ତା କରି ପାରିବ, ରନ୍ଧାବଢ଼ା, ସିଲାଇ, ଚିକିତ୍ସା ସେବା ଓ ଶିଶୁ ପରିଚର୍ଯ୍ୟା ବାରତ୍ତା ପାଇବାର ଶିକ୍ଷାଦ୍ୱାରା ପ୍ରକୃତ ଗୃହିଣୀ ହେବାର ଯୋଗ୍ୟ ହେବ ଏବଂ ତହିଁ ସଙ୍ଗେ କଣ୍ଠ ଓ ଯନ୍ତ୍ର ସଙ୍ଗୀତ ଚିତ୍ରବିଦ୍ୟା ଇତ୍ୟାଦିଦ୍ୱାରା ଭୂଷିତ ହୋଇଥିବାରୁ ଯେଉଁ ଘରେ ସେ ପଦାର୍ପଣ କରିବ ସେଠାରେ ଲକ୍ଷ୍ମୀ ଓ ସରସ୍ୱତୀଙ୍କର ସମାନରୂପ ପୂଜା ହେବ । ଏଥି ଉତ୍ତାରୁ ଯେବେ କନ୍ୟାମାନେ ସାମାଜିକ ବ୍ୟବହାରାନୁସାରେ ଅଧିକ ବୟସ ପର୍ଯ୍ୟନ୍ତ ଅବିବାହିତା ରହିବେ ତେବେ ଉଚ୍ଚତର ଶିକ୍ଷାର ବ୍ୟବସ୍ଥା ହୋଇ ପାରେ ।

ଉପରଲିଖିତ ବ୍ୟବସ୍ଥା ଅବଶ୍ୟ ଉଚ୍ଚଶ୍ରେଣୀର ପିଲାମାନଙ୍କ ସକାଶେ ହୋଇଅଛି, ତାହା ନିମ୍ନ ଶ୍ରେଣୀର ଲୋକଙ୍କର ସାଧ୍ୟ ଓ ପ୍ରୟୋଜନର ଅତୀତ ଅଟେ । ମାତ୍ର ଉଚ୍ଚଶ୍ରେଣୀର ବାଳିକାର ଏ ପ୍ରକାର ଶିକ୍ଷାର ବିଶେଷ ପ୍ରୟୋଜନ ରହିଅଛି ତହିଁରେ ଅଣୁମାତ୍ର ସନ୍ଦେହ ନାହିଁ । କୁମାରୀ ଘୋଷାଲଙ୍କର ଏହି ଶିକ୍ଷାପ୍ରଣାଳୀ ଶୀଘ୍ର କାର୍ଯ୍ୟରେ ପରିଣତ ହେବାର ଦେଖିବାକୁ ଆମ୍ଭେମାନେ ବଡ଼ ଆଶା କରୁଁ । ବଡ଼ ଆନନ୍ଦର ବିଷୟ ଯେ ମୟୂରଭଞ୍ଜର ରାଜା ଏଥିର ସାହାଯ୍ୟାର୍ଥେ ବଦାନ୍ୟତା ସହିତ ଅଗ୍ରଗାମୀ ହୋଇଅଛନ୍ତି ଏବଂ ତଦ୍ୱାରା ସେ ଦେଖାଇଅଛନ୍ତି ଯେ ସ୍ଥଳ ବିଶେଷରେ ଶ୍ୟାମଲଲତାରୁ ସ୍ୱଦେଶର ପ୍ରକୃତ ହିତ ସାଧନ ପ୍ରତି ତାହାଙ୍କର ଅଧିକ ମନୋଯୋଗ ।

---

ଏଠା ମିଉନିସିପାଲିଟୀର ଅପିଲ ଫଇସଲ ।

ଏହି ମିଉନିସିପାଲିଟୀର କରଧାର୍ଯ୍ୟ ସମ୍ବନ୍ଧୀୟ ଅପିଲର ଫଇସଲ ଗତ ସୋମବାରଠାରୁ ଆରମ୍ଭ ହୋଇ ପ୍ରଥମ ଦୁଇଦିନର ଅପିଲ ନିଷ୍ପତ୍ତିର ଫଳଦ୍ୱାରା ବିଲକ୍ଷଣରୂପେ ପ୍ରକାଶ ହୋଇଅଛି ଯେ ଅସେସରଙ୍କର ବନ୍ଦୋବସ୍ତ ବିରୁଦ୍ଧରେ କରଦାତାଙ୍କ ତରଫ୍ ଯେ ସମସ୍ତ ଅନ୍ୟାୟ ଓ ତ୍ରୁଟି ଦେଖାଇ ଦିଆଯାଇଅଛି ସେ ସମସ୍ତ ଅକ୍ଷରେ ଅକ୍ଷରେ ଯଥାର୍ଥ ଅଟେ । ପ୍ରଥମ ଦିନର ଅପିଲ ବିଚାର କମିଟିର ସଭ୍ୟବୃନ୍ଦଙ୍କ ମଧ୍ୟରେ ସ୍ୱୟଂ ଚେୟାରମାନ ବାବୁ ଜାନକୀନାଥ ବସୁ ସଭାପତିର ଆସନ ଗ୍ରହଣ କରିଥିଲେ । ସେ ଦିନ ୪୫ ମୁଦ ଘର ଟିକସ ଓ ୫୫ ମୁଦ ପାଇଖାନା ଟିକସ ଏପରି ମୋଟରେ ୧୦୦ ମୁଦ ଅପିଲ ନିଷ୍ପତ୍ତି ହେଲା ଏବଂ ତହିଁ ମଧ୍ୟରେ କେବଳ ୧୮ ମୁଦରେ ଅସେସରଙ୍କର ବନ୍ଦୋବସ୍ତ ବାହାଲ, ୯ ମୁଦରେ ରଦ ଏବଂ ଅବଶିଷ୍ଟ ୭୦ ମୁଦ ତରମିମ ହେଲା । ଶତକଡ଼ା ୮୦ ଅପିଲ ସଫଳ ହେବା ଅପେକ୍ଷା ଏମନ୍ତ ଅନ୍ୟାୟ ଯେ ତାହାକୁ ଅତ୍ୟାଚାର ବୋଲିବା କୌଣସିମତେ ଅସଙ୍ଗତ ନୁହେଁ । ପୁଣି କେତେକ ସ୍ଥଳେ କମିଟି ଚର ଚର କାର୍ଯ୍ୟ ଶେଷ କରିବା ଇଚ୍ଛାରେ ଅଥବା ଚଞ୍ଚଳଚିତ୍ତରେ ଯଥାସାଧ୍ୟ ସୁବିଚାର କରି ପାରି ନାହାନ୍ତି । ଯେମନ୍ତ କି ଏହାବେଳେ ଛଅ ପାଉବା ଯୋଗ୍ୟ ବ୍ୟକ୍ତି ଉପରେ ବାର୍ଷିକ ଚାରି ବା ଆଠଅଣା ଘର ଟିକସ ଧାର୍ଯ୍ୟ କରିବା, ଘରର ଅବସ୍ଥା ପୂର୍ବଠାରୁ ମନ୍ଦ ହୋଇଥିଲେ ସୁଦ୍ଧା ପୂର୍ବର ପାଇଖାନା ଟିକସ ଦୁଇଗୁଣ କରିବା, ଜାତି ବିରୁଦ୍ଧ ବା ଦୂଷିତ ବ୍ୟବସାୟୀଙ୍କ ଉପରେ ଅଧିକ ଟିକସ ଧାର୍ଯ୍ୟ କରିବା ଅଥବା ଅସେସରଙ୍କ ଅଧିକ ଟିକସ ବସାଇଅଛନ୍ତି ବୋଲି ଘରୁ ନାଷ୍ଟ ନ ହେଉ ନଚ୍ଛ ରଖିବା ଇତ୍ୟାଦି । ଅସେସର ତାହାର ଟିକସ ବୃଦ୍ଧି କରିବାର ଇଚ୍ଛା ହେତୁ ନ ଲେଖି କେବଳ ବ୍ୟବସାୟର ଉପେକ୍ଷା କରିଅଛନ୍ତି । ତାର ନିର୍ଣ୍ଣୟ ସକାଶେ ତାହା ସଥେଷ୍ଟ ନୁହେଁ ଏବଂ ଅପିଲାଣ୍ଟର ଅବସ୍ଥା କୌଣସି ସନ୍ଦେହ ହେଲେ ତଦ୍ଦିଷ୍ଟ ହସ୍ତଖତରେ ଉପସ୍ଥିତ ଥିବା ଓଭରସିୟରଙ୍କୁ ପଚାରି କମିଟି ଅପିଲ ନିଷ୍ପତ୍ତି କରିବାର ଦେଖାଗଲା । ଫଳତଃ କମିଶନରମାନେ ସର୍କାରଙ୍କ କଥା ଉପରେ ନିର୍ଭର କରୁଥିବା ହେତୁରେ ପୂର୍ବ ବନ୍ଦୋବସ୍ତକୁ ବର୍ତ୍ତମାନ ଚେୟାରମାନ ନିଜେ କରୁଥିବା ସ୍ଥଳେ ଅପିଲ ଶୁଣିବା ବେଳେ ସେହି ସରକାରଙ୍କ ଉପରେ ନିର୍ଭର କରିବା କୌତୁକର ବିଷୟ ଅଟେ । ଚେୟାରମାନ ହିଁ ଏକ ସ୍ଥଳେ ଏକ ବ୍ୟକ୍ତି ଉପରେ ବାର୍ଷିକ ଟ ୦ ।/ ଟିକସ ଧାର୍ଯ୍ୟ କରିବାକୁ ମଧ୍ୟ ଛାଡ଼ି ନାହାନ୍ତି । ଯୋଗସଳର ଚୌକିଦାରୀ ଟିକସର ନିମ୍ନ ସୀମା ବାର୍ଷିକ ଟ ୦ ।/ । ଏଠା ମିଉନିସିପାଲିଟିରେ ମଧ୍ୟ ବାର୍ଷିକ ଟ ୦ ।/ରୁ ଊଣା ଟିକସ କେବେ ଧାର୍ଯ୍ୟ ହୋଇ ନ ଥିଲା । ମାତ୍ର ଚେୟାରମାନଙ୍କର ଅତ୍ୟନ୍ତ ଅର୍ଥାଭାବ ହେତୁ ମାସରେ ଦୁଇ ପାହୁଲା ଟିକସ ନେବାକୁ ପ୍ରବୃତ୍ତ ହୋଇଅଛନ୍ତି । ଅର୍ଥାତ୍ ମାସକୁ ଯାହାର ଟ ୬ ୧ ବା ଆୟ ସେ ମଧ୍ୟ ଟିକସ ଦେବ । ତାହାଙ୍କ ଲେଖାରେ ଦୁଃଖୀ କେହି ନାହିଁ ଏବଂ କେହି ଛାଡ଼ ପାଇବାର ଯୋଗ୍ୟ ନୁହେଁ । ବାସ୍ତବରେ ଆମ୍ଭେମାନେ ଟିକସ ଧାର୍ଯ୍ୟ ସମ୍ବନ୍ଧରେ ଚେୟାରମାନଙ୍କର କାର୍ଯ୍ୟ ଦେଖି ହତାଶ ହୋଇଅଛୁଁ । ସେ ଆପଣା କର୍ତ୍ତବ୍ୟକର୍ମ ନ୍ୟାୟ ବିଚାରମତେ ଚଳାଇବାର ଉପାୟ କରନ୍ତୁ ନାହିଁ ଅଥଚ ସେ ସମ୍ବନ୍ଧରେ କମିଶନରମାନଙ୍କ ସଙ୍ଗେ ପରାମର୍ଶ କରି ସୁପଥ ବାହାର କରନ୍ତୁ ନାହିଁ । ସେ ଯେଉଁ ଭାବରେ ଚାଲି ଅଛନ୍ତି ତହିଁରେ ଦୈନିକ ୧୦୦ ମୁଦ ଅପିଲ ଫଇସଲ ହେଲେ ମଧ୍ୟ ସମ୍ପୂର୍ଣ୍ଣ ବାହାର ହୋଇଥିବା ତଥ୍ୟ ବିଚାର ଅପିଲ ଫଇସଲ ହେବାକୁ ମାସ ୬୭ ସ

Digitized by srujanika@gmail.com

ଲାଗିବ ଅଥବା ଦୁଷ୍ଟ ପୀଡ଼ା ଇତ୍ୟାଦିର ସମୟ ଯୋଗ କଲେ ଏହି ବର୍ଷ ଲାଗିବା ଆଶ୍ଚର୍ଯ୍ୟ ନୁହେଁ । ଅମ୍ଭେମାନେ ଏକାନ୍ତ ଭରସା କରୁ ଯେ କାର୍ଯ୍ୟର ଗୁରୁତ୍ୱ ଯଥୋଚିତରୂପେ ଉପଲବ୍ଧି କରି ତାହା ନିବାରଣ କରିବାର ଉତ୍ତମ ବ୍ୟବସ୍ଥା କରିବେ ଏବଂ କରଦାତାମାନଙ୍କୁ ଅକାରଣ କଷ୍ଟ ଚିନ୍ତା ଓ ଖର୍ଚ୍ଚରୁ ରକ୍ଷା କରିବେ । ଡାକ୍ତରଙ୍କର ଅଜ୍ଞତା ବା ଖାମଖିଆଲିରୁ ପ୍ରଜାବର୍ଗଙ୍କୁ ରକ୍ଷା କରିବା କାରଣ ଅସୁଶାସନ ପ୍ରଣାଳୀ ଏ ଦେଶରେ ପ୍ରବର୍ତ୍ତିତ ହୋଇ ସ୍ଥାନୀୟ ଯୋଗ୍ୟ ଲୋକଙ୍କ ହାତରେ ମ୍ୟୁନିସିପାଲିଟି ପ୍ରଭୃତିର ଭାର ଅର୍ପିତ ହୋଇଅଛି । ମାତ୍ର ଉପରଲିଖିତ ଫଳ ଦେଖି କଏ ବୋଲିବ ଯେ ଗବର୍ଣ୍ଣମେଣ୍ଟଙ୍କର ହିତ ଅଭିପ୍ରାୟ ଏ ସ୍ଥଳେ ସିଦ୍ଧ ହୋଇଅଛି ?

— —

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

କଟକର ଡେ । ମାଜିଷ୍ଟ୍ରେଟ ବାବୁ ଅଶ୍ୱିନୀଘୋଷଙ୍କୁ ଫୌଜଦାରୀ କାର୍ଯ୍ୟବିଧି ଅନୁସାରେ ଧା ୧୧୦ ର ସ୍ଥାୟୀ କ୍ଷମତା ପ୍ରାପ୍ତ ହେଲେ ।

ଅତିରିକ୍ତ ଡେପୁଟୀ କଲେକ୍ଟର ବାବୁ ସୁରେନ୍ଦ୍ର ନାଥ ଘୋଷ ଜଜ୍ ଗଚ୍ଛିଲ ପଦ ପ୍ରାପ୍ତ ହେଲେ ଓ ଅନ୍ୟ ଅଚଣାଗାରର କୃଷି ଲଗାଇବାର କ୍ଷମତା ପ୍ରାପ୍ତ ହେଲେ ।

ପୁରୀ ସାବ୍‌ଡିଭିଜନର ଶିକ୍ଷକ ନ୍ୟାଯନାଳ ଖଣ୍ଡପାଲ ବାବୁ ଜଗନ୍ନାଥ ରାୟ ନୂତନ ଅସ୍ଥାୟୀଭାବେ ୪ର୍ଥ ଶ୍ରେଣୀର ଓଭରସିୟର ପ୍ରାପ୍ତ ହେଲେ ।

ଭାରତ ସମ୍ରାଟଙ୍କ ଜନ୍ମଦିନ ଉପଲକ୍ଷରେ ଆଗାମୀ ଜୁନମାସ ତା ୨୯ ଦିନ ସାଧାରଣ ଛୁଟି ଦିବସ ହେବାର ଗେଜେଟରେ ଲାଟସାହେବ ମଞ୍ଜୁର କରିଅଛନ୍ତି ।

---

ଏ ସପ୍ତାହରେ ଏ ନଗରରେ ପ୍ରବଳ ଗ୍ରୀଷ୍ମ ବାହାର ହେଉଛି ଏକବାର ଧାମାଳ ବୃଷ୍ଟି ହୋଇଥିଲା ଏବଂ ତାପ ଅବସ୍ଥା ଶୀଘ୍ର ହୋଇଅଛି । ସାଧାରଣ ସ୍ୱାସ୍ଥ୍ୟ ଉତ୍ତମ ନାହିଁ ।

ଏ ନଗରରେ ଆମ୍ବ ଯଥେଷ୍ଟ ଆସୁଅଛି ମାତ୍ର ମୂଲ୍ୟ ଅତ୍ୟନ୍ତ ଅଧିକ ଏହା ସ୍ୱାଦିଷ୍ଟ ଅଳ୍ପ ଦେଖାଯାଉଅଛି । ପଣସ ଅଧିକ ଦେଖାଯାଉଅଛି ।

ବଡ ଯୋଗିବାରଠାରୁ ଏ ନଗରର ଶେଷ ପର୍ଯ୍ୟନ୍ତ ଗରୁଗାଡ଼ିମାନ ଚାଲିଅଛି । ଅଚିରେ ସବୁ ରାସ୍ତା ଶେଷ ହେବ ।

ଭୁବନେଶ୍ୱର ନିକଟ ସତ୍ୟଭାମାପୁରରେ ମହାଭିଷେକରେ ଗତ ଶୁକ୍ରବାର ଅଗ୍ନିଦାହରେ ଶାଗି ପ୍ରାୟ ୨୦୦ ଘର ପୋଡ଼ିଯାଇଅଛି । ଖାଦ୍ୟ ଓ ଦ୍ରବ୍ୟାଦି ଅନେକ ନଷ୍ଟ ହେବାର କଥା ଶୁଣାଗଲା ।

କଲିକତାର ଜଣେ ଯୁବକ ଭୂଷଣରେ ପଡ଼ି ତାହାର ମାତାଠାରେ କେତେ ଅର୍ଥ ଥିଲା ସବୁ ନଷ୍ଟ କରି ଅବଶେଷରେ ମାତାର ଅଳଙ୍କାର ଲାଗି ମାତାକୁ ମାରି ଦେବାକୁ ଚାହିଁ ଥିଲେ । ଚିତ୍ରଟି ଏଥିରେ ଭାଗାନ୍ୱିତ ହୋଇ ମାତା ଶୋଇଥିବା ସମୟରେ ତାଙ୍କୁ କଣ୍ଟରେ ବାଣି ଦେଲା । ମାତାର ବଞ୍ଚିବାର ଆଶା ନ ଥିଲା । ବୀରବନ୍ଧରେ ଶବ୍ଦରେ ବ ୨ ବର୍ଷ ଶ୍ରମଯୁକ୍ତ କାରାଦଣ୍ଡ ହୋଇଅଛି ।—ଏଭଳି ଅର୍ଥଲୋଭ ନ ଥିଲେ ଚିତ୍ତ ଏଭଳି ନଷ୍ଟ ହୁଅନ୍ତି ।

ମାର୍କିନ ରାଜ୍ୟ ନେବ୍ରାସ୍କାଠାରେ ଘୂର୍ଣ୍ଣିବାୟୁ ଉପସ୍ଥିତ ହୋଇ ଭୋଲଥିବା ନଗରର ଶତ ଶତ ଘର ଭଙ୍ଗି ପକାଇଅଛି ଏବଂ ଜ ୧୦ ଣ ଲୋକ ମରି ପଡ଼ିଅଛନ୍ତି । ଏହା କେବଳ ପାଞ୍ଚମିନିଟ କାଳ ସ୍ଥାୟୀ ହୋଇଥିଲା ।

ଅଷ୍ଟ୍ରେଲିଆର କଲଣ୍ଡି ନଗରରେ ଜ ୧୦୪ ଣ ଲୋକେ ଗୋଟିଏ କୋଠରେ ବନ୍ଦି ହୋଇଥିଲେ । ତହିଁରୁ ବୋମାର ଉପଦ୍ରବ ହୋଇ କୋଠକୁ ଓଲଟାଇ ପକାଇବାରୁ ସେମାନେ ସମସ୍ତେ ଓ ମାଟି ଜ ୪ ଣ ବୃଦ୍ଧ ମରିଥିବାର ସମ୍ବାଦ ମିଳିଲା ।

ମାର୍କିନ ରାଜ୍ୟ ଟେନେସିଠାରେ ଏକ କୋଇଲାଖଣିରେ ହଠାତ୍ ଅଗ୍ନି ଲାଗିବାରୁ ଖଣି ମଧ୍ୟରେ ଥିବା ଜ ୧୫୦ ଣ ଲୋକେ ସମସ୍ତେ ପୋଡ଼ିମଲେ ।

କୋଚିନର ରାଜା ଏଣ୍ଟି ଉତ୍ସବାଦିର ଅଭିଷେକ ଉପଲକ୍ଷେ ତାଙ୍କର ପ୍ରଜାଙ୍କ ଦେଶରେ ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ଘୋଷଣା ହୋଇଅଛି । ପ୍ରଜାମାନଙ୍କର ଏତଦୁପଲକ୍ଷେ ସେହି ଟଙ୍କା ଖର୍ଚ୍ଚ ହେବ ତାହା ଠିକ କଲେ ଗୋଟିଏ ସ୍ୱାସ୍ଥ୍ୟ ରକ୍ଷାର କାର୍ଯ୍ୟ ହୋଇ ପାରନ୍ତା ।—ରାଜାଙ୍କ ଅନୁଷ୍ଠାନ ସାର ହୋଇଅଛି ।

ଜଣେ ମୁସଲମାନ ଯୁବତୀ କଲିକତା ପୁଲିସ ଅଦାଲତରେ ଉପସ୍ଥିତ ହୋଇ ତାହାର ସ୍ୱାମୀ ପାଗଳ ହୋଇ ଅନେକ ଦିନ ତାକୁ ଛାଡ଼ି ଦେଇଥିଲା ସେ ବର୍ତ୍ତମାନ ସେ ପାସ୍ତି ନ ଦିଆରୁ ଜୀବନ ରଖିବା ଦାୟ ହୋଇଥିବା ମର୍ମରେ ଗୁହାରି କଲା । ହାକିମ ତାହାର ଉକ୍ତ ଗଲ୍ପରେ ଯୁବତୀ ଅଳ୍ପ ଗୋଟିଏ ଧନ ଦେବାକାରଣ ଅନୁମତି ଗନ୍ଧଶବାର ପ୍ରକାଶ କଲେ । ସେ ଅଦାଲତରେ ତାହାକୁ କିଛି ପ୍ରତିକାର ମିଳି ନ ପାଇବାରୁ କଡ଼ି ନୌକାଯୋଗେ ଗଙ୍ଗାରେ ଝାସ ଦେବା କାରଣ ହାକିମ ବୁଝିଲେ ଯେ ବୃଦ୍ଧା ତଦାଶ ହୋଇ ଅଦାଲତରୁ ଗଲେ ।

କୃଷ୍ଣିଆ ରାଜ୍ୟରେ ସେଠା ସମ୍ରାଟ ଏବଂ ପ୍ରାନ୍ତସ୍ଥ ସମ୍ପଦର ପ୍ରତିନିଧି ସାହେବଙ୍କର ଏକତ୍ର ବୈଠକ ଗତମାସ ତା ୨୦ ଦିନରେ ହୋଇଥିବାର ସମ୍ବାଦ ମିଳିଲା । ଏ ବୈଠକରେ ରାଜ୍ୟର ପରିଷ୍କାର ପ୍ରକାର ବକ୍ତୃତାରେ ବାକ୍ୟ କହିଥିଲେ ।

ସ୍ୱଦେଶୀ ବାଲାଚ୍ଚରୁ ପ୍ରକାଶ ଯେ ଗୁଜରାଟର ବରଦାର ରାଜା ଗୋଟିଏ ଲେଖାଏଁ ସୂକ୍ଷ୍ମ ନାମକ ଅଭିଷେକ ଉପଲକ୍ଷେ ନଗରକୁ ପଠାଇବେ ଏବଂ ତାହାର ଦେଶ ୨ ଟି ଦ୍ରବ୍ୟଗାରାର ପଠାଇବେ ।

କଲିକତାଠାରୁ ଏକ୍‌ସଟେନ୍‌ସନ ନାମକ ଗୋଟିଏ ଜାହାଜ ହାମବର୍ଗଠାକୁ ଯାଉଥିବା ବାଟରେ ଗତମାସ ତା ୫ ଦିନରେ ବୁଡ଼ି ଯାଇଥିବାର ସମ୍ବାଦ ମିଳିଲା । ଏହିଠାରେ କେତେକ ଜଣ ଅଶ୍ୱେଷ୍ଟ ରହିଥିଲେ ମାତ୍ର କସ୍ତାନ ଏବଂ ଜ ୪୦ ଣ ଅସ୍ୱେଲିଆଙ୍କ ଅଦ୍ୟ କିଛି ଠିକଣା ମିଳି ନାହିଁ ।

ଆଜ ଗୋଲମଅଭ ନାମକ ଇଙ୍ଗ୍ଲଣ୍ଡର ଜଣେ ଧନୀ ମୁସଲମାନ ଗତ ମାସ ତା ୧୬ ଦିନରେ ପ୍ରାଣତ୍ୟାଗ କରିବାର ସମ୍ବାଦ ମିଳିଲା । ତାଙ୍କର ସମ୍ପତ୍ତିର ମୂଲ୍ୟ ୨୨ ଲକ୍ଷ ଟଙ୍କା ଅଟେ ।

ଗତମାସ ତା ୧୫ ଦିନରେ ସ୍ୱାରଜଣ୍ଡଠାରେ ଏକ ଭୈରବବର୍ଣ୍ଣ ଭୋଜ ହୋଇଥିବାର ସମ୍ବାଦ ମିଳିଲା । ସ୍ୱୟଂ ଗେଜେଟ ନଂ ହାରବ ଏଥିର ପ୍ରତିଷ୍ଠା କରିଅଛନ୍ତି । ପ୍ରବର୍ତ୍ତିତ ଶିଳ୍ପକାର ଦ୍ରବ୍ୟର ସଂଖ୍ୟା ଅନେକ ଏବଂ ଉତ୍କୃଷ୍ଟ ଅଧିକ କଥିତ ହୁଏ । ଅସ୍ମାଙ୍କରର ପ୍ରଦର୍ଶିତ ମାଲ୍ୟବାନ ମଧ୍ୟରୁ ଦାସ ପାଙ୍କର ଅନେକ ଦ୍ରବ୍ୟମାନ ସେଠାରେ ଯାଇଅଛନ୍ତି ।

କଲିକତାର ଗାର୍ଡ଼ନରିଚ ଇଙ୍ଗରାଜ ପଲ୍ଲୀ ଖାନରେ କେତେକୋଡ଼ା ନାମକ ଜାହାଜରେ ଜ ୧୦୦ ଣ କୁଲି କାମ କରୁଥିଲେ । ପେଟିକ କାର୍ଯ୍ୟ ଶେଷ ହେଲେ ସେମାନେ ଜଳଖାଇ ବୁଲିକୁ ଆସନ୍ତି । ଅଳ୍ପକାଳ ପରେ ସେମାନେ କାନ୍ଥାରର ଭିତରୁ ଜଳ ପିବାର କଲମ୍ ହେବାର ଦେଖି ପଡ଼ିଥିବା କାରଣ ସମସ୍ତେ ପାଣିକି ଡେଇଁପଡ଼ିଲେ । ସମସ୍ତେ କୂଳକୁ ଆସିଲେ ମାତ୍ର ଜଣେ ବୁଡ଼ିମଲା ।—ସେ ଜଣକର ପରମାୟୁ ଶେଷ ହୋଇଥିଲା ।

ରଙ୍ଗୁନଠାରୁ ସମ୍ବାଦ ମିଳିଲା ଯେ ଗତମାସ ତା ୧୮ ଦିନରେ ଲୋକଟିଏ ଠିକେ ରେଲ ପରବେସ୍ତକର ସାହେବ ଏକ ବାଜିକ ଗୋଟିଏ ଟ୍ରେନରେ ଯେନ ଯାଉଥିଲେ । ସେଠାରୁ ଗାଡ଼ି ଛାଡ଼ି ଯେ ସଙ୍ଗେ ଟ୍ରେନର ରେଟ ହୋଇଯିବାରୁ ଉକ୍ତ ଟ୍ରେନକୁ ରେଲଗାଡ଼ିକୁ ଦୂରକୁ ଫୋପାଡ଼ି ଦେଲା । ପରବେସ୍ତକର ସାହେବ ସେହିଠାରେ ମରିପଡ଼ିଲେ ମାତ୍ର ବାକୀ ଓ ଟ୍ରେନଷ୍ଟଳର ଗୁରୁତର ଆଘାତ ପାଇ ବଞ୍ଚିଗଲେ ।

କଲିକତାର ସେହି ମୁସଲମାନ ଅପଣା ସ୍ତ୍ରୀର ନାକର ଅଗ କାଟି ଦେଇଥିଲା ତାହାକୁ ଦେଢ଼ ବର୍ଷ ଶ୍ରମଯୁକ୍ତ କାରାଦଣ୍ଡ ହୋଇଥିବାର ସମ୍ବାଦ ମିଳିଲା ।

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ଶ୍ୟାମସୁନ୍ଦର ଦାସ ଟେଃ ଜଃ | ପୁରୀ | ୫ ॥ ୧ |
| " ଗଙ୍ଗାଧର ଦାସ କୃଷ୍ଣଚନ୍ଦ୍ରପୁର | ପୁରୀ | ୫ ॥ ୧ |
| " ଭଗୀରଥ ମହାନ୍ତି | ବାଣପୁର | ୫ ୨ ( |
| ରାଜା ଅପ୍ ଅଡ଼ୁଗୋଡ଼ | ଗଞ୍ଜାମ | ୫ ୫ ( |
| ଶ୍ରୀଃ ଲକ୍ଷ୍ମଣ ଦାସ ଓସିଅର | ଜଗତସିଂହପୁର | ୫ ॥ ( |
| " ଗୋପବନ୍ଧୁ ଦାସ | | ୫ ॥ ( |
| ଘୁମା । ବ । ଟିକାଲି | ଗଞ୍ଜାମ | ୫ ॥ ( |
| ଶ୍ରୀ ବାବୁ ଅଦ୍ୱୈତଚରଣ ମହାନ୍ତି | ବିଦର | ୫ ॥ ( |
| ସବା । ବ । ପାରିକୁଦ | | ୫ ॥ ( |
| । ବ । ଭାଲେରି | | ୫ ॥ ( |

Split by PDF Splitter

Digitized by srujanika@gmail.com

Split by PDF Splitter




## ବିଜ୍ଞାପନ ।

ଆଉ ଡାକ୍ତରଙ୍କୁ ଅସ୍ଥାୟୀ ଗୁଣବିଶିଷ୍ଟ ପାଲସା ପ୍ରଭୃତି ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ |** ହତାଶ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

# DANZIN

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜେଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସିମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ତୁଲ୍ୟ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସିମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜୀନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସୁଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ ବେଜେଗୁଣ୍ଡ ଏ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିୟାର ଅନୁମୋଦିତ ଅସୁଧ, ଗନ୍ଧକ ଓ ଭାଟିଆନା ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶକ୍ତି ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରାସାୟନିକ ପ୍ରକ୍ରିୟାର ପାରଦର୍ଶିତାର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜୀନ" ଆବିଷ୍କାର ହୋଇ ଭାରତବାସିମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି ।

ଯେବେ ତୁମ୍ଭେ ମନେ କରୁଅଛ ତୁମ୍ଭର ରୋଗ ଅସାଧ୍ୟ ଏବଂ ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରୁଥାନ୍ତି ଯେବେ ତୁମ୍ଭେ ପାଲସା ପ୍ରଭୃତି ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭର ବନ୍ଧୁଙ୍କୁ ଜୀବନରେ ନୈରାଶ୍ୟ ହୁଅ ନାହିଁ । ଥରେ ଏହି ମହାଶକ୍ତି "ଡ୍ୟାନଜୀନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମୀର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁକି ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜୀନ" ଏବେ ଦୂରୀଭୂତ କରିଦେଇଅଛି । ଡ୍ୟାନଜୀନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରିଦେବାର ସ୍ପଷ୍ଟ ଦେଖାଯାଏ । ପାଲସା—ରୋଗ ଚାପି ରଖେ । ଡ୍ୟାନଜୀନ ରୋଗ ଚାପି ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ପାଲସାର ଗୁଣ ଅସ୍ଥାୟୀ । ଡ୍ୟାନଜୀନ ଗୁଣ ସ୍ଥାୟୀ ।

ଡ୍ୟାନଜୀନ—ମଦ, ଅଫିମ, ଗଞ୍ଜେଇ, ମର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ଉତ୍ତେଜକ ପଦାର୍ଥର ସଂସ୍ରବ ନାହିଁ ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କିଛିକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜୀନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜୀନ ସେବନରେ କୌଣସି ପ୍ରକାର କଡ଼ା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଲ ବୃଦ୍ଧ ବନିତା ନିର୍ବିଘ୍ନରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଗରିବର ବନ୍ଧୁ ଓ ଜର ଦେହର ଜୀବନ ।

ଡ୍ୟାନଜୀନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଜ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ଶୁକ୍ରାପରି ପଦାର୍ଥ ବାହାରି ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମୁଣ୍ଡଘୂରା, ମୁଣ୍ଡବୁଲା, ଘୁସୁଘୁସୁ ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ ଜଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, ଅଗ୍ନିମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତ ସ୍ରାବ, ବନ୍ଧ୍ୟାରୋଗ, ଋତୁକାଳର ସମୟରେ ବେଦନା ଓ ଜନନେନ୍ଦ୍ରିୟ ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ପଞ୍ଚୁଆ, ଗଳିତା ଖାଉଜ, ଭଗନ୍ଦର, ନାଲି ଲୁଗିଆ ଓ ଏମନ୍ତକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜୀନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧।୦ ୩ ବୋତଲ ଟ ୩।୦, ୬ ବୋତଲ ଟ ୭।୦ ଓ ୧୨ ବୋତଲ ଟ ୧୩।୦ ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦ । ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୵ ଅଣା ।

ସୋଲ ଏଜେଣ୍ଟ—ଲକ୍ଷ୍ମୀଅ, ବର୍ମା, ସିଲେକ, ଅର, କ, ଛ, ଏଣ୍ଡ କୋଂ

ହେଡ୍ଅଫିସ—ନଂ ୧୦ ନମ୍ବର ଅପର ଚିତ୍ପୁର ରୋଡ଼ କଲିକତା ବଡ଼ବଜାର ପୋଷ୍ଟାଫିସର ଠିକ ସମ୍ମୁଖରେ

---

## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର କ୍ଷତିକର ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦।୦ ଡାକମାଶୁଲ ଟ ୦।୦ ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ୵ ।

ଡାକ୍ତର ମାର୍ଟିନଙ୍କର "ଅଦ୍ଭୁତ ମଲମ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧।୦ ଡଜନ ଟ ୧୦।୦ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ୵

ଏଜେଣ୍ଟସ—ଅର, କ, ଛ ଏଣ୍ଡ କୋଂ ନଂ ୧୦ ନମ୍ବର ଅପର ଚିତ୍ପୁର ରୋଡ କଲିକତା


Digitized by srujanika@gmail.com

Split by PDF Splitter




# ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ ବିଶାରଦଙ୍କର

ଆୟୁର୍ବେଦୋକ୍ତ ଔଷଧାଳୟ ।

୧୭ । ୨ ନଂ ଦରଘୋଷଷ୍ଟ୍ରୀଟ, ସିମଲିଆ,

କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ନାନାବିଧ ଧାତୁଦ୍ରବ୍ୟାଦି (ଭସ୍ମ) ମିଳେ ମଫସଲସ୍ଥ ରୋଗୀମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

# ଯୋଗସିଦ୍ଧ ବଟିକା ।

(ଅର୍ଥାତ୍ ଋଷିକୃତ ଯୋଗୀଙ୍କ ସିଦ୍ଧମହୌଷଧ)

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । ନବଯୁବକ ଏବଂ ଛାତ୍ରମାନଙ୍କ ବୁଦ୍ଧିବୈକଲ୍ୟ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଆଉ ନାହିଁ ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳ-ଉଦ୍ଗାର (ଖଟାଢେକୁ) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ ଏତଦ୍ଭିନ୍ନ ଅର୍ଶରୋଗ, ଉଦରୀ, ଉଦରାମୟ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାଣ୍ଡୁଦୋଷ, ଶରୀରରେ ଚକାକାର ଦାଗ, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ପୁରୁଷତ୍ୱହାନି, ବହୁମୂତ୍ର, ମେହରୋଗ, ମସ୍ତିଷ୍କଘୂର୍ଣ୍ଣନ, ବିନ୍ଦୁ ବିନ୍ଦୁ ମୂତ୍ରସ୍ରାବ ଓ କାଶରୋଗ ନିଃସନ୍ଦେହ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଡମାଳା, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର କାଶରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ, ବାଧକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାକୁ ଆଣିବା ଏହି ଔଷଧର ପ୍ରଧାନ କାର୍ଯ୍ୟ

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଅଠଅଣା

୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା । ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାଶୁଲ ଚାରି ଅଣା । ଉପଯୁକ୍ତ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ

# ବିଜ୍ଞାପନ ।

## ନୂତନ ପୁସ୍ତକ ।

ନାମରହସ୍ୟ ଗୀତା ୨ୟ ଭାଗ ୫ ୦ ।

ମନ୍ତ୍ରଗ୍ରହଣ ସ୍ତବ ୫ ୦ ୵

ଚନ୍ଦ୍ର ଅଶ୍ରୁଭନ୍ଦ୍ର ବା କାଦମ୍ବରୀ

ଉପନ୍ୟାସ ୮ ୦ ୵

ଭକ୍ତି-ସଙ୍ଗୀତ ୮ ୦ ୵

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ମିଳେ ।

# ବିଜ୍ଞାପନ ।

TRADE MARK

W. MAJOR & CO.'S MEDICAL LABORATORY CALCUTTA

TRADE MARK

REGISTERED

ଅତ୍ୟାଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !!

ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ—ଶୋଧ

"ଇଲେକ୍‌ଟ୍ରୋ ସାଲସା"

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜେଷ୍ଟ୍ରୀ କୃତ ।

ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!

ଅଦ୍ଭୁତ ଓ ଅତୁଳନୀୟ !

ଆଉ ଡାକ୍ତରଙ୍କୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଆଉ ଡାକ୍ତରଙ୍କୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା :—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ଯେଉଁପରି ହଜାର ହଜାର ଜୀବନ ଦେଉଅଛି ଦେଖି ଦଳେ ଶତ୍ରୁ ମେଡ଼ିକାଲ ଗଣିଙ୍କ ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି

ଇଲେକ୍‌ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରଣାଳୀରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ଅନୁ ଔଷଧ ଅତ୍ୟନ୍ତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପାରେ ଏବଂ ତାହାର ଆରୋଗ୍ୟ-କାରିତା ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସୂଚକତା ଅନୁଭବ କରିଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଗଜେଟରେ ପ୍ରଚଳିତ ଓ ବର୍ଣ୍ଣିତ ହୋଇଥିବା ନ ସ୍ୱଦେଶୀ ନ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ତାଙ୍କ ଲାଗେ ନାହିଁ—

ଇଲେକ୍‌ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ରାପ୍ତିର ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାରୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍‌ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ନୂତନ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ବଡ଼ ହାସପାତାଲରେ ଉପଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଆସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସତ୍ୟ ସତ୍ୟ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ—ଶୁଭମୁହୂର୍ତ୍ତରେ ଅବତୀର୍ଣ୍ଣ ହୋଇଥିଲା !! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏଯାବତ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ଦୂଷିତ ରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଅଣ୍ଡ ଘଣ୍ଟି ଫୁଲିବା ଗଣ୍ଡେଇ ହୋଇ ଫୁଲି ଉଠିବା, କୁଷ୍ଠ ଅଣ, ତୁଳି ଗରମି ଓ ପାରଦର ଘା, ନାକ ଓ ତାଳୁର ଘା ଦେହରେ ବା ହସ୍ତ ଓ ପଦ ତଳରେ ଫାଟି ଗଲେ—ସାଦା ବା କଳା ଦାଗ, ଧବଳ କୁଷ୍ଠ-ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତାହାର ଆନୁଷଙ୍ଗିକ ଲକ୍ଷଣାଦି ପୁଣି ପାରଦ ଓ ଉପଦଂଶ ବିଷର ନଷ୍ଟ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁଷ୍କବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ—ତଥା ସ୍ନାୟବୀୟ ଶୁକ୍ରବ୍ୟାଧି—ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ର ନଳୀରୁ ଶୁକ୍ର ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ,


Digitized by srujanika@gmail.com

Split by PDF Splitter



ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, ଶଯ୍ୟା ମଳ ବେଗରେ କାର୍ଯ୍ୟ କର୍ଣ୍ଣରେ ବସ୍ତ୍ର ନେଇଥିବା ବା ଅନ୍ତଃସ୍ତ୍ର ସହବାସ ହେତୁ ସ୍ଖଳନ, ଶକ୍ତି ହ୍ରାସ, ମୁଣ୍ଡ ଘୁରାଇବା, ଚକ୍ଷୁର ଅନ୍ଧକାର ଦର୍ଶନ ପ୍ରସୃତା, ଚଳିବା କରିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ସ୍ନାୟବିକ ଦୁର୍ବଳତାର ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ କଙ୍କାଳ ଜୀର୍ଣ୍ଣ ଦେହ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ବଜାର ଦ୍ରବ୍ୟର ସମ୍ପର୍କ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ସୁଧା ଭ୍ରମରେ ବଣ ଛାଡ଼ କର ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍ଟ୍ରୋ ସାଲସା" ଭୂମି ରୋଗର ଅଦ୍ଭୁତ ଔଷଧ ! ଯେହେତୁ ଗୋଟିଏ ରୋଗୀ ସୁଦ୍ଧା ଅଦ୍ୟାବଧି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବା ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି । ସେମାନଙ୍କର ଓ ଅନ୍ୟାନ୍ୟ ଦୂର ଦେଶବାସୀ ରୋଗିଙ୍କର ସୁବିଧାର୍ଥେ-ପୁଣି ଟେଲିଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କ ନିୟମାନୁଯାୟୀ ଆମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜିଷ୍ଟରୀ କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଆମ୍ଭ ଅଫିସରେ ପହଞ୍ଚିବ !

ଇଲେକ୍ଟ୍ରୋ ସାଲସାର :—ଆବିଷ୍କର୍ତ୍ତା—ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଅନ, ଉତ୍ତର ଆମେରିକା । ଭାରତବର୍ଷରେ ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର୍;—"ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନି," କଲିକତା

☞ ଏଥିର ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ

ଏଥିପର ଅଙ୍କିତ "ଟ୍ରେଡମାର୍କ" ଯେଉଁ ଶିଶିରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

ଔଷଧ ପରୀକ୍ଷାରେ ପାଶ୍ଚାତ୍ୟ ଓ ଭାରତୀୟ ବୈଜ୍ଞାନିକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ

W. MAJOR & CO.'S MEDICAL LABORATORY CALCUTTA
TRADE MARK

ମେରିକା ଯୁକ୍ତରାଷ୍ଟ୍ର ନିବାସୀ ଚିକିତ୍ସକ ମହାମାନ୍ୟ ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଅଦ୍ଭୁତ;—

"ଇଲେକ୍ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତଃପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ଅଦ୍ଭୁତ ଅଟେ । ସେହିପରି କୌଣସି ଔଷଧରେ ଅଦ୍ୟାପି ଦେଖା ନାହିଁ, ଏହା ପରୀକ୍ଷକମାନେ କେହିଁ ରୋଗ ଅସାଧ୍ୟ ହୋଇ ଉଠିଛି କହିଥିବେ ଏହି ମହୌଷଧ ସେହି ରୋଗକୁ ଦୂର କରୁଛି !

ଇଲେକ୍ଟ୍ରୋ ସାଲସା;—ଏ ରୋଗୀଙ୍କ ଭାଗ୍ୟରେ ପ୍ରଯୋଗ କରିବାରେ ଡାକ୍ତରଙ୍କ ସନ୍ଦେହ ରହିବାକୁ ଶୀଘ୍ର ମାନବ ଦେହରେ ଏହାର ଅଦ୍ଭୁତ କ୍ରିୟା ପ୍ରକାଶ ପାଏ ଏବଂ ପ୍ରତ୍ୟେକ ଔଷଧ ସେବନ କରିବାକୁ ମନରେ ଦୃଢ଼ ବିଶ୍ୱାସ ଜନ୍ମେ କୌଣସି ବୈଦ୍ୟୁତିକ କିମ୍ବା ଚୁମ୍ବକ ଚେତନ ଦିଏ । ଏହିଠାରେ ଏହାର ଶକ୍ତିମତ୍ତାର ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ନିଦର୍ଶନ !!

ବିଜ୍ଞାନ—ଅସ୍ମଦାଦିଙ୍କ ଶିକ୍ଷା ଦେଇଅଛନ୍ତି ଯେ ଜଗତର ସମସ୍ତ ବସ୍ତୁରେ ଶକ୍ତି ହିଁ ପ୍ରକୃତ ଜୀବନ । ଜଗତର ପ୍ରକାଶ ବିକାଶ ସମସ୍ତ ଶକ୍ତି ଦ୍ୱାରା । ସେହି ଜଗତର ସମସ୍ତ ଶକ୍ତି ଯେ ଔଷଧରେ ସଂଯୋଗ କରାଯାଇଛି, ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କଅଣ ?

ପାଶ୍ଚାତ୍ୟ ଜାତିର ଉଦ୍ଭିଜ୍ଜ ପଣ୍ଡିତମାନେ କୋଟିକୋଟି, ଟଙ୍କା ବ୍ୟୟ କରି ଅନେକ ଦିନ ଓ ବହୁତ ଚେଷ୍ଟା ପରେ ଏହି ବୈଦ୍ୟୁତିକ ଶକ୍ତି ପ୍ରାଣ ଦେବା ଆବିଷ୍କାର କରି ମନୁଷ୍ୟ ଜୀବନ ରକ୍ଷାରେ ଲଗାଇଛନ୍ତି ଏବଂ ଏହା ରୋଗୀର ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଔଷଧ ହୁଏ । ପୁଣି ସେହି ବିଦ୍ୟୁତ୍ ବୈଦ୍ୟୁତିକ ଶକ୍ତିର ସହିତ ଉଦ୍ଭିଜ୍ଜ ରସ ମିଶାଇ ଏହି ଔଷଧ ପ୍ରସ୍ତୁତ କରାଯାଇଛି ଏବଂ ଏହା ମାନବ ଜୀବନର ସର୍ବପ୍ରକାର ରୋଗ ଦୂର କରିବାରେ ସମର୍ଥ । ମାତ୍ର ଆମ୍ଭ ଆବିଷ୍କାରକ ପ୍ରଥମ ପରୀକ୍ଷା କରି ଏହି ଭଲ କୋରି କହୁଛନ୍ତି । ଏହାର ଶକ୍ତି ! ଏହାର ଗୁଣ କୌଣସି

ଔଷଧରେ ଯେ ଅଦ୍ଭୁତ ସମ୍ପନ୍ନ ମୋଟେ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ବୈଜ୍ଞାନିକ ଉପାୟ ବା ଡାକ୍ତରଙ୍କ ଅବସ୍ଥାର କରନ୍ତି ଏବଂ ବେଶୀ ଦେହ ଯେ ତାହାର ବାହ୍ୟ ପ୍ରୟୋଗ କରନ୍ତି କାଳ, ପଶ୍ଚାତ, ସ୍ୱୟଂ ରୋଗୀର ପ୍ରକୃତ କେତୋ ଛାଡ଼ି ସେ ଅଣୁ ବଳର କରିବାକୁ ସମର୍ଥ ହୁଅନ୍ତି । ଫଳରେ ରକ୍ତର କିମ୍ବା ମଧ୍ୟ ଯେ ଅସ୍ଥାୟୀ ଏ କଥା ହିସାବ ସମାନ ଏବେ ଅଧିକ ଦୂରାଇ ଦେବାକୁ ହେବ ନାହିଁ । ଅଧିକ ଏ ବଂଶଗତି ର ପ୍ରାରମ୍ଭରେ ଜଣେ ମହାପୁରୁଷ ଜମେ ସାର ଡାକ୍ତର ମେଜର ସାହେବଙ୍କର ଅନୁସନ୍ଧାନ ପ୍ରଯୋଗାର୍ଥ ତାହାକୁ ଚେଷ୍ଟା କେଉଁ କାର୍ଯ୍ୟରେ ସଂଯୋଗ କରି ଏହି ଅମୋଘ ଔଷଧ ସୃଷ୍ଟି କରି ଛଡ଼ାଇଅଛନ୍ତି ଏବଂ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଅସ୍ତ୍ର ରୂପେ ଜଗତ ଚକିତ ଭାବରେ ବହୁତ ଯୁଗ ଅଟେ ଦେଉଅଛନ୍ତି !!!

ଏହି ବାହାରୁହିଁ ଅପେକ୍ଷା ଓ ଅସ୍ଥାୟୀ ରୂପଚିତ୍ର କୃତ୍ରିମ ସାଲସା ବା କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଳ୍ପ ଦାହାକୁ ହିଁ ଯେଉଁ ଯନ୍ତ୍ରଣା ସେଥିକାରୁ ହେବ ନାହିଁ ଅତେ ଏଠି ମହୌଷଧକୁ ଏହି ମହାବନ୍ଧନକୁ ଏବଂ ବୈଦ୍ୟୁତିକ ଶକ୍ତି "ଇଲେକ୍ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସୁଫଳ ପାଇବ ଅବଶ୍ୟ ଦେଖି ବୃଦ୍ଧି କର୍ମକ୍ଷମ ହେବ, ଯୌବନକାଳୋଚିତ ବଳ ବୀର୍ଯ୍ୟ ଓ ସ୍ଫୂର୍ତ୍ତି ପୁଣି ଫେରିପାଇବ ।

ରକ୍ତ ଦୂଷିତ ଦୁଷ୍ଟ, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ, ଗର୍ମି, କାଶୀସା, ଗାତ୍ରକଣ୍ଡୁ, ଖାଦୁ, ଖୁଣ, ଗର୍ଭାବସ୍ଥାର ପ୍ରମେହ, ଆବୁ ରୌଗଲ, ଗର୍ଭ ପାତନ, ଶ୍ୱେତ ପ୍ରଦର ପ୍ରସ୍ରାବ ଜଳନା, ଶୀ ସ୍ୱଳ୍ପତା ଅଶମ, ଚର୍ମ ଉଠିବା, ମହା ଦୁର୍ବଳତା, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା—ଯେତେ ଜଟିଳ, ଯେତେ କଠିନ ଓ ପୁରାତନ ହେଲେ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ । ମୂଲ୍ୟ ଉତ୍ସଶ ବଡ଼ ପ୍ରକାର ବୋତଲ ବ୍ୟବହାର ବେଶ ! ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ୫ ୧୲୰ ତିନିଶିଶି ୫ ୧୦।, ବାରଶିଶି ୫ ୨୦ । ଡାକମାସୁଲ ୫ ୪୬, ୨ ଶିଶିକୁ ୫ ୧୦।, ଡାକମାସୁଲ ଓ ପ୍ୟାକିଂ ପ୍ରତି ଶିଶିରେ ୫ ୦ ।୰, ୨ ଶିଶିରେ ।୰, ୫ ୦ ।୰, ୩ ଶିଶିରେ ୫ ୧।୰ ।

ଅସ୍ମଦାଦିଙ୍କ ଔଷଧ ପଠାଇବାର ଠିକଣା

W, MAJOR & Co } ଡବ୍ଲିଉ, ମେଜର ଏଣ୍ଡ କୋ Calcutta } କଲିକତା

TELEGRAPHIC ADDRESS:
"MAJOR" Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଏ ୦ ୵ |
| ଅର୍ଦ୍ଧସ୍ତମ୍ଭକୁ | ୫ ୨୲ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୫ ୩୲ |

ମାତ୍ର କୌଣସି ବିଜ୍ଞାପନ ଯେତେ ଅଳ୍ପ ହେଲେ, ତହିଁର ଦର ୫୦ ଏ ଣାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଦେଢ଼ା ଓ ତୃତୀୟରୁ ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ସହର ଉଦ୍ୟାନବଜାର ପ୍ରିଣ୍ଟିଂ କମ୍ପାନି ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



## ସାପ୍ତାହିକ ସମ୍ବାଦ ।

ବର୍ଦ୍ଧମାନଠାରେ ଜଣେ ୬୧୧ ବର୍ଷର ବାଳକ ଅମ୍ବ ଖାଉଁ ଖାଉଁ ତୋଟାମଧ୍ୟରୁ ସ୍ତନ୍ୟପାନ କରିଥିବାରୁ ତାହାର ବମନାଦି ହେବାରୁ ଜଣା ଯାଇଥିଲା । ସେଠାରେ ଡାକ୍ତର ଆସିଲେ ଅଞ୍ଜିନ ବାହାର କଲେ ମଧ୍ୟ କହିବା ପରେ ପିଲାଟି ମରିଗଲା ।—ଶିଶୁ, ଖାଦ୍ୟ ହୋଇ ଅଛି ଜାଣିବ ।

କଲିକତାଠାରେ ସୁରେନ୍ଦ୍ରନାଥ ଦେ ନାମକ ଜଣେ ପିଲା ସ୍କୁଲକୁ ଯିବା ପରୀକ୍ଷା ଦେଇଥିଲା । ପରୀକ୍ଷାର ଫଳ ପ୍ରକାଶିତ ହେବାରୁ ପିଲାଟି ତହିଁରେ ଆପଣାର ନାମ ନ ଦେଖି ଗତ ମାସ ତା ୧୮ ଦିନ ରାତ୍ରି ଅଫିମ ଖାଇ ପ୍ରାଣ ତ୍ୟାଗ କରିଅଛି ।—ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେଲେ ଏହିପରି ଘଟିବା ଦୁଃଖର ବିଷୟ ।

ତା ୧୬ ବର୍ଷ ବୟସର ଦକ୍ଷିଣ ଭାରତର ମିଶନ କଥାରେ ଶୋଭିତ ବଡ଼ ଅଗ୍ନି ବୃଷ୍ଟି ହେଉଥିଲା ତ ୬ ଣ ବୃଦ୍ଧ ବର୍ଷା-ବୃଷ୍ଟି ଗ୍ରହୀ ଭଳିଭାବ କେଉଁ ଯାଇଥିବା ସମୟରେ ଅଧିକାଂଶ ବର୍ତ୍ତମାନ କଲିକତାଠାରେ ବଜ୍ରପାତରେ ଏହାର ସମ୍ବାଦ ମିଳିଲା ।

ଗତ ମାସ ତା ୨୭ ରାତ୍ରରେ ଖାଇବା କଥାରେ କେତେକ ସାହେବ କ୍ୟାମଲଜ ଗୋଟିଏ ଆଖାଡ଼ାକୁ ଉଠି-ଥିଲେ ମାତ୍ର କାଟିଲେ ପୂର୍ଣ୍ଣ ଜଳ ଫାଟିଯିବାରୁ କ୍ୟାମଲଜଟି ଭାଙ୍ଗିଗଲା ଏବଂ ଅନେକମାନଙ୍କର ସମସ୍ତେ ମରିଗଲେ ।

ନିଷ୍ଠୁର ମୋଗଲ ନାମକ ରାଜକୁଳର ଜଣେ ଇଂଲାଣ୍ଡ ଦେଶ ମୁସଲମାନ ବାଦଶାହମାନଙ୍କ ଉପରେ ଏକାଧିପତ୍ୟ ସ୍ଥାପନ କରିଥିଲେ । ସେ ବର୍ତ୍ତମାନ ସେଠା ଜେଲଖାନାର ସୁପରିଣ୍ଟେଣ୍ଡେଣ୍ଟ ହୋଇଥିବା ସାହେବଙ୍କ ମାର ପକାଇବା କାରଣ ଗ୍ରେପ୍ତାର ହୋଇଥିବା ଅପରାଧରେ ଧୃତ ହୋଇଅଛନ୍ତି । କଥିତ ହୁଏ ଆସାମୀର ଗୋଲୁକୁ ଗୁଳି ଲଗା ସାହେବ ଅନ୍ୟ ଉପଯୁକ୍ତ ହେବାରୁ ଅଭାବ୍ୟ କରିଥିବା ହେତୁ ଆସାମୀ ତାହାଙ୍କୁ ଉପହାର ଦେବାକୁ ଚେଷ୍ଟା କରିଥିଲା ମାତ୍ର ତହିଁରେ ପଲ୍ଟନ ହୋଇ ଶେଷକୁ ଜଣେ ବାଗୀକୁ ୫ ୬୦୦ ଟଙ୍କା ପୁରସ୍କାର ଦେଇ ସାହେବଙ୍କର ପ୍ରାଣ ନେବାର ବନ୍ଦୋବସ୍ତ କରିଥିଲା । ବାଗୀ ସାହେବଙ୍କୁ ନ ମାରି କଥାଟି ପ୍ରକାଶ କରି ଦେବାରୁ ନିଷ୍ଠୁର ମୋଗଲଙ୍କୁ ଧରାଯାଇଛି ।—ପରିଣାମ କ'ଣ ହେବ କ୍ରମେ ଜଣାଯିବ ।

ବମ୍ବେଠାରେ ବର୍ତ୍ତମାନ ଘୋଡ଼ା ଦଉଡ଼ରେ ବୈଷ୍ଣବ ଚାର ଘୋଡ଼ା ଟ୍ରାମଗାଡ଼ିମାନ ଚଳୁଥିବାର ପାଠକଙ୍କୁ ଜଣା ଅଛି । ସେହି ଗାଡ଼ିର ଗୋଟିଏ ଘୋଡ଼ାରେ ଲଗାମ ଲଗାଉଥିବା ସମୟରେ ଜଣେ କୁଲିର ହାତ ଘୋଡ଼ା ପାଟିରୁ ଟାଣି ନେଇ କାମୁଡ଼ି ଦେଲା । ସେ ଧକ୍କା ଖାଇ ଏକାବେଳକେ ଅଜ୍ଞାନ ଅବସ୍ଥାରେ ତଳେ ପଡ଼ିଗଲା । ବର୍ତ୍ତମାନ ସେ କୁଲି ଅଚେତନ ଅବସ୍ଥାରେ ଡାକ୍ତରଖାନାରେ ପଡ଼ିଅଛି ।

ଡାକ୍ତର ଆସିବା ଶେଷ ହୋଇ ନାହିଁ । ସ୍ପାନିଶ୍ ଗଭର୍ଣ୍ଣମେଣ୍ଟ ସେଠା ଉପନିବେଶରୁ ବନ୍ଦୋବସ୍ତ କେତେ ଉଠୁଁ ନିଆଯାଇ ତ ୧୦୦୦ ଜଣ୍ଟ ଚୂନ କରୁଅଛନ୍ତି । ପୂର୍ବ ଜିଲ୍ଲାରୁ ସେନାମାନେ ପର୍ଯ୍ୟନ୍ତ ଘରେ ଆହତବ୍ୟକ୍ତିଙ୍କୁ ମାରି ପକାଇଲେ ।—କି ନିଷ୍ଠୁରତା ।

ତମଲୁକଠାରେ ମିଅଜାନ ଜମାଦାର ନାମକ ଜଣେ ଲୋକ ଘରଣୀର କାନ୍ଥରେ କାଡ଼ ଲୁଚିବା ସମୟରେ ସରକାରୀ ରାସ୍ତା ଉପରକୁ କାନ୍ଥ ଭାଙ୍ଗି ମାଡ଼ି ଆସିବାରୁ ତାହାର ପ୍ରତିବାଦୀ ତହିଁରେ ଆପତ୍ତି କରନ୍ତେ ଉଭୟଙ୍କ ମଧ୍ୟରେ କଳହ ଉପସ୍ଥିତ ହେଲା ଏବଂ ମିଅଜାନ କଟୁରିରେ ପ୍ରତିବାଦୀର ମାଣିପକାଇ ତାହାର ମୁଣ୍ଡ ଦେହରୁ ଛିଣ୍ଡାଇ ଦେଲା । ମିଅ-ଜାନ ବର୍ତ୍ତମାନ ଧୃତ ହୋଇ ହାଜତରେ ଅଛି ।

ଦକ୍ଷିଣଆଫ୍ରିକାରେ ଅପାଲ ଜୋସ୍ ଏବଂ ନଦୀ ହୋଇ-ଥିବାରୁ ସେଠାରେ ଦୁର୍ଭିକ୍ଷ ପଡ଼ିବାର ଆଶଙ୍କା ଉପସ୍ଥିତ ହୋଇଅଛି ଏବଂ ଏକଥିଁ ଜାହାଜମାନରୁ ଶସ୍ୟମାନ ସେ ଦେଶକୁ ନିଆ ଯାଉଅଛି ।

ମାନ୍ଦ୍ରାଜଠାରେ ଗ୍ରୀଷ୍ମ ଅତ୍ୟନ୍ତ ଅଧିକ ହୋଇଅଛି ଏମନ୍ତି କି ଦିନ ମଧ୍ୟରେ ତାପମାନ ଯନ୍ତ୍ରରେ ପାରା ୧୦୮ ଡିଗ୍ରୀ ପର୍ଯ୍ୟନ୍ତ ଉଠିଥିଲା । କେତେକ ଲୋକ ଗର୍ମି ଲାଗିଲେ ସେଠାରେ ମରି ପଡ଼ିଥିବାର ସମ୍ବାଦ ମିଳିଲା । ପବନ ଅଗ୍ନି ପରି ଲାଗୁଅଛି ।

ଜଗଜାତ୍ରା ସାତଠାରେ ଗତମାସ ତା ୮ ଦିନ ସନ୍ଧ୍ୟାବେଳରେ ଜଣେ କୃଷକ ଘରଣୀର କାନ୍ଥରୁ କାମ ଖାଉ ଥିବା ସମୟରେ କାନ୍ଥ ଖସି ପଡ଼ି ହୋଇ-ଥିବାର ସମ୍ବାଦ ମିଳିଲା ।

କଟକଠାରେ ତା ୧୧ ବର୍ଷ ବୟସର ଗୋଟିଏ ବାଳକ ସ୍ନାନ କରୁଥିବା ସମୟରେ ତାହାର ଗୋଡ଼ ଲାଗିବାର ଉପରେ ପଡ଼ିଯିବାରୁ ଗୋଡ଼ କଟିଗଲା ଏବଂ ଡାକ୍ତରଖାନାକୁ ଚିକିତ୍ସାର୍ଥ ନିଆଯାଇଥିଲା ମାତ୍ର ସେଠାରେ ଧନୁଷ୍ଟଙ୍କାର ବାତ ଉପସ୍ଥିତ ହୋଇ ତାହାର ମୃତ୍ୟୁ ଘଟିଲା ।—ଉଦାହରଣ ପଡ଼ିଥିଲେ ଚାଲିଲେ ଅତି ସାବଧାନ ହୋଇ ଚାଲିବା ଉଚିତ ।

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେ-ମାନେ ଦାୟୀ ନୋହୁଁ ।

ଶ୍ରୀ ଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ  
ସମୀପେଷୁ

ମହାଶୟ !

ନିମ୍ନଲିଖିତ ବିଷୟଟି ଆପଣଙ୍କ ଜଗତ୍ ବିଖ୍ୟାତ ପତ୍ରିକାରେ ପ୍ରକାଶ କରି ଅନୁଗୃହୀତ କରିବା ହେବେ ।

